Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:151+25 September 2026 (Friday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୧୫୧+୨୫ ସେପ୍ଟେମ୍ବର ୨୦୨୬ (ଶୁକ୍ରବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬






# 'ଶକ୍ତିର ସପ୍ତଧାରା'ରେ ବିକଶିତ ଭାରତ ନିର୍ମାଣ ହେବ : ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ,୨୪/୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ ସମ୍ମିଳନୀ ମାଧ୍ୟମରେ 'ସେବା ସଂକଳ୍ପ ଯାତ୍ରା'ର ଯୁବ ପ୍ରତିଭାଗୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲରେ ଯୁବପିଢ଼ିର ଭୂମିକା ଉପରେ ଜୋର ଦେବା ସହ ଦେଶର ବିଭିନ୍ନ ଅଂଚଳ ଓ ସାମାଜିକ ବର୍ଗର ଲୋକଙ୍କ ଆକାଂକ୍ଷାକୁ ଜାଣିବା ଓ ବୁଝିବାର ଆବଶ୍ୟକତା ଉପରେ ମତ ରଖିଥିଲେ। ମୋଦୀ କହିଥିଲେ ଯେ ଆଜିର ଯୁବପିଢ଼ି 'ବିକଶିତ ଭାରତ'ର ନିର୍ମାତା ହେବା ସହ ଏହାର ପ୍ରମୁଖ ଲାଭାର୍ଥୀ ମଧ୍ୟ ହେବେ। ତେଣୁ ଯୁବମାନେ ଦେଶକୁ ନିକଟରୁ ଜାଣିବା ସହ ବିଭିନ୍ନ ଅଂଚଳର ଲୋକଙ୍କ ସହ ମିଶି ସେମାନଙ୍କ ସ୍ୱପ୍ନ, ଆକାଂକ୍ଷା ଓ ସମସ୍ୟା ସମ୍ପର୍କରେ ଜାଣିବା ଆବଶ୍ୟକ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ 'ଶକ୍ତିର ସପ୍ତଧାରା' ମାଧ୍ୟମରେ ବିକଶିତ ଭାରତ ନିର୍ମାଣର କଥା ଉଲ୍ଲେଖ କରିଥିଲେ। ଉତ୍ପାଦନ ଶିଳ୍ପ, ପ୍ରଯୁକ୍ତି ଓ ନବସୃଜନ, ଯୋଗାଯୋଗ ବ୍ୟବସ୍ଥା ସମେତ ବିଭିନ୍ନ କ୍ଷେତ୍ରକୁ ଦେଶର ବିକାଶର ଶକ୍ତି ଭାବେ ସେ ଉଲ୍ଲେଖ କରିଥିଲେ। ଏହି ବିକାଶ ପ୍ରକ୍ରିୟାକୁ ଆଗକୁ ନେବାରେ ପ୍ରତ୍ୟେକ ନାଗରିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦୀ କହିଥିଲେ। ମୋଦୀ କହିଥିଲେ ଯେ ସେବା ହିଁ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। କେବଳ ଉପଦେଶ ଦେବା ପରିବର୍ତ୍ତେ ନିଜ କାର୍ଯ୍ୟ ଓ ଆଚରଣ ମାଧ୍ୟମରେ ସେବାର ବାର୍ତ୍ତା ଦେବା ଆବଶ୍ୟକ। କ୍ଷମତା ଯେତେ ବଢ଼ିଲେ ମଧ୍ୟ ସେବାର ପଥରୁ ବିଚ୍ୟୁତ ନହେବା ଉଚିତ ବୋଲି ସେ ମତ ଦେଇଥିଲେ। ସେ ଆହୁରି କହିଥିଲେ ଯେ 'ସେବା ଭାବନା' ଆଧାରରେ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଆସିଛି। ମାଗଣା ଖାଦ୍ୟଶସ୍ୟ ଯୋଜନା ଓ 'ଆୟୁଷ୍ମାନ ଭାରତ' ଭଳି ପଦକ୍ଷେପର ଉଦାହରଣ ଦେଇ ସେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ତାଙ୍କ ଦାବି ଅନୁସାରେ, ଏହି ପ୍ରୟାସ ମାଧ୍ୟମରେ ବହୁ ଲୋକ ଦାରିଦ୍ର୍ୟରୁ ବାହାରିଛନ୍ତି ଏବଂ ଗରିବ ପରିବାରକୁ ପକ୍କା ଘର ମିଳିଛି। 'ସେବା ସଂକଳ୍ପ ଯାତ୍ରା' ଗୁଜରାଟର ବଡ଼ନଗରରୁ ଆରମ୍ଭ ହୋଇ ଉତରପ୍ରଦେଶର ବାରାଣସୀ ପର୍ଯ୍ୟନ୍ତ ଯାଇଛି। ଏହି ଦୁଇ ସହର ସହ ତାଙ୍କ ବ୍ୟକ୍ତିଗତ ସମ୍ପର୍କର ଉଲ୍ଲେଖ କରି ମୋଦୀ ବଡ଼ନଗରକୁ ଜନ୍ମଭୂମି ଓ କାଶୀକୁ କର୍ମଭୂମି ଭାବେ ବର୍ଣ୍ଣନା କରିଥିଲେ। ଏହି ଦୁଇ ସହରକୁ ଯୋଡୁଥିବା ସେବା ଅଭିଯାନକୁ ସେ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ସାମାଜିକ ଗଣମାଧ୍ୟମରେ 'ସେବା ସଂକଳ୍ପ ଯାତ୍ରା' ସମ୍ପର୍କିତ ଫଟୋ ଓ ଭିଡିଓ ଦେଖୁଛନ୍ତି। ବିଶେଷକରି ଯୁବକ ଓ ଯୁବତୀମାନେ ଏହି ଅଭିଯାନରେ ଯୋଗ ଦେଇଥିବା ଦେଖି ସେ ଖୁସି ଓ ପ୍ରେରଣା ଅନୁଭବ କରୁଥିବା କହିଥିଲେ। ନିଜ ସଂଗଠନ ଜୀବନର ଅନୁଭୂତିକୁ ମନେ ପକାଇ ମୋଦୀ କହିଥିଲେ ଯେ ସେ ମଧ୍ୟ ଅତୀତରେ ଅନେକ ଯାତ୍ରାର ଆୟୋଜନ ଓ ନେତୃତ୍ୱ ନେଇଛନ୍ତି।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204,

Sec-16,Rourkela,

Mob:9692048008

Email: utkalsamachar@gmail.com


## ଟ୍ରକ୍ ପଛରେ ପିଟି ହେଲା କାର

### ଚାଲିଗଲା ୪ ଜୀବନ ! ମୃତକଙ୍କ ମଧ୍ୟରେ ମନ୍ତ୍ରୀଙ୍କ ଝିଅ



ଜାମସେଦପୁର,୨୪/୯: ଜାମସେଦପୁର ରେ ଭୟାବହ ସଡ଼କ ଦୁର୍ଘଟଣା। ଟ୍ରକ୍ ପଛରେ ପିଟି ହେଲା କାର, ଚାଲିଗଲା ୪ ଜୀବନ। ମୃତକଙ୍କ ମଧ୍ୟରେ ଅଛନ୍ତି ଝାଡ଼ଖଣ୍ଡର ଗ୍ରାମ୍ୟ ଉନ୍ନୟନ ଓ ପଚାଂୟତିରାଜ ମନ୍ତ୍ରୀ ଦୀପିକା ପାଣ୍ଡେ ସିଂହଙ୍କ ଝିଅ ତ୍ରିଷା ସିଂହ। ଆଜି ଭୋର ସମୟରେ ଜାମସେଦପୁରର ସୋନାରୀ ଥାନା ଅଧୀନ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା। ରାସ୍ତା କଡ଼ରେ ଖରାପ ହୋଇ ଠିଆ ହୋଇଥିବା ଏକ ଟ୍ରକ୍ ?କୁ ପଛପଟୁ ଧକ୍କା ଦେଇଥିଲା କାରଟି। ଧକ୍କା ଏତେ ଭୟଙ୍କର ଥିଲା ଯେ କାରଟି ଚୁରମାର୍ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ତ୍ରିଷା ସିଂହ, ସାର୍ଥକ ଅଗ୍ରୱାଲ, ନମନ ଗୁପ୍ତା ଏବଂ ବଂଶିକା ଖଣ୍ଡେଲୱାଲ। ପ୍ରାଥମିକ ତଦନ୍ତ ଅନୁଯାୟୀ, ଚାରି ଲେନ୍‌ର ରାସ୍ତାର ଡିଭାଇଡର ନିକଟରେ ଟ୍ରକ୍‌ଟି ଖରାପ ହୋଇ ଠିଆ ହୋଇଥିଲା। ଟ୍ରକ୍ ପଛରେ ରିଫ୍ଲେକ୍ଟର କିମ୍ବା ସତର୍କତା ସୂଚନା ନଥିବାରୁ କାର ଚାଳକ ଟ୍ରକ୍‌କୁ ଠିକ୍ ସମୟରେ ଦେଖିପାରିନଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଦୀପିକା ପାଣ୍ଡେ ସିଂହ ଓ ଶୋକସନ୍ତପ୍ତ ପରିବାରକୁ ସେମାନେ ସମବେଦନା ଜଣାଇଛନ୍ତି।

## ୧୪୦ କୋଟି ଲୋକ ଓ ଦେଶର ସ୍ୱାର୍ଥ ସବୁଠୁ ବଡ଼

### ରୁଷ ତେଲ କ୍ରୟ ଜାରି ରହିବ : ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ,୨୪/୯: ରୁଷ ଏବଂ ଇରାନ ତେଲ କିଣୁଥିବା ଦେଶ ଗୁଡ଼ିକ ଉପରେ ୧୦୦% ଟାରିଫ୍ ନେଇ ଆମେରିକା ରାଷ୍ଟ୍ରପତି ନୂଆ ବିଲ୍ କୁ ମଞ୍ଜୁରି ଦେଇଛନ୍ତି।ଏହାପରେ ଭାରତର ବୟାନ ଆସିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତ ରୁଷ ତେଲ କିଣା ଅଚାନକ ବନ୍ଦ କରିପାରିବ ନାହିଁ। ସେହିଭଳି ଅନ୍ୟ କୌଣସି ଦେଶଠାରୁ ହଠାତ୍ ତେଲ ମଗାଇ ହେବନି। ୧୪୦ କୋଟି ଲୋକଙ୍କ ଆବଶ୍ୟକତା ପୂରଣ ଲାଗି ବିଶ୍ୱର ପ୍ରତିକୋଣରୁ ତେଲ କିଣା ଜାରି ରହିବ। ମଙ୍ଗଳବାର ବିଜନେସ୍ ଲାଇନ୍ ଚେଞ୍ଜ୍ ମେକର୍ ଆୱାର୍ଡ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଘରୋଇ ବଜାରର ଶକ୍ତି ସୁରକ୍ଷାକୁ ଧ୍ୟାନରେ ରଖି ଏଭଳି ନିଷ୍ପତ୍ତି ହୋଇଛି। ଦେଶର ସ୍ୱାର୍ଥ ସବୁଠୁ ଆଗରେ। ରୁଷ ତେଲ କିଣା ବନ୍ଦ ହେଲେ ବଜାରରେ ଶକ୍ତି ସଙ୍କଟ ଦେଖାଯିବ। ଦରଦାମ ହଠାତ ବୃଦ୍ଧି ହେବ। ସାଉଦି ଆରବ ତୈଳ ବିଶୋଧନାଗାର ଗୁଡିକ ଉପରେ ଆକ୍ରମଣ ଯୋଗୁ ବିଶ୍ୱ ବଜାରରେ ତେଲ ଯୋଗାଣ ପ୍ରଭାବିତ ରହିଛି। ରୁଷ ଭଳି ବଡ଼ ତେଲ ଯୋଗାଣକାରୀ ହଠାତ ବଜାରରୁ ଓହରିଲେ ବିଶ୍ୱ ବଜାରର ସନ୍ତୁଳନ ବିଗିଡିଯିବ। ଭାରତୀୟ ବିଶୋଧନାଗାରଗୁଡିକ ଏକ ନିର୍ଦ୍ଦିଷ୍ଟ ବର୍ଗର ତେଲ ବିଶୋଧନ କରିପାରିବେ। ଆମେରିକା ନିୟମ ଯୋଗୁ ବଜାରରେ ଆହ୍ୱାନ ରହିଛି। ମାତ୍ର ସରକାର ବିଶୋଧନ କ୍ଷମତା ଏବଂ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତି ନେବେ ଉଲ୍ଲେଖଯୋଗ୍ୟ, ରୁଷ ଏବଂ ଇରାନ କଟକଣା ବିଲକୁ ଟ୍ରମ୍ପ ଅନୁମୋଦନ ଦେଇଛନ୍ତି। ଏହା ଦ୍ୱାରା ଆମେରିକା ରାଷ୍ଟ୍ରପତି ରୁଷ ଠାରୁ ସର୍ବାଧିକ ତେଲ କିଣୁଥିବା ଶୀର୍ଷ ୫ ଦେଶ ବିରୋଧରେ ୧୦୦% ଟାରିଫ ଲଗାଇପାରିବେ। ଏହି ତାଲିକାରେ ଭାରତ ସହ ଚୀନ, ହଙ୍ଗେରେ, ସ୍ଲୋଭାକିଆ ଏବଂ ଅଜରବୈଜାନ ରହିଛି। ଆମେରିକା କଟକଣା ଯୋଗୁ ଭାରତୀୟ ରପ୍ତାନିକାରୀଙ୍କ ଉପରେ ବଡ ଝଟ୍କା ଲାଗିବ।

## ଚଳନ୍ତା ସ୍ଲିପର୍ ବସରେ ଅଗ୍ନିକାଣ୍ଡ :

### ଡ୍ରାଇଭର-କଣ୍ଡକ୍ଟର ଅଟକ; ଶୋକ ପ୍ରକାଶ କଲେ ଯୋଗୀ



ଗ୍ରେଟର ନୋଏଡ଼ା,୨୪/୯: ଯମୁନା ଏକ୍ସପ୍ରେସ୍-ୱେରେ ଏକ ଚଳନ୍ତା ସ୍ଲିପର୍ ବସରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ମହିଳାଙ୍କ ସମେତ ୯ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୧୧:୩୦ ସମୟରେ ଦିଲ୍ଲୀରୁ ଉତର ପ୍ରଦେଶର ମହୋବା ଯାଉଥିବା ବସରେ ଏହି ଦୁର୍ଘଟଣା ଘଟିଛି। ନୋଏଡ଼ା-ଆଗ୍ରା ରୁଟର ୩୩ କିଲୋମିଟର ନିକଟରେ ଅଗ୍ନିକାଣ୍ଡ ଘଟିବା ପରେ ବସଟି ନିମିଷକ ମଧ୍ୟରେ ଜଳିଯାଇଥିଲା। ପୁଲିସ ଦ୍ୱାରା ରୁଜୁ ଏଫଆଇଆର୍ ଅନୁଯାୟୀ, ଗାଡ଼ିରୁ ଜଳିବା ଗନ୍ଧ ବାହାରିବା ନେଇ ଯାତ୍ରୀମାନେ ଅଭିଯୋଗ କରିଥିଲେ ହେଁ ଡ୍ରାଇଭର୍ ଓ କଣ୍ଡକ୍ଟର ସେମାନଙ୍କ କଥାକୁ ଏଡ଼ାଇ ଦେଇଥିଲେ। ଗାଡ଼ି ନରଖି ଉଭୟ ବିଡ଼ି-ସିଗାରେଟ୍ ଟାଣିବା ଜାରି ରଖିବା ସହ ଗାଡ଼ି ରୋକିବାକୁ ଦାବି କରୁଥିବା ଯାତ୍ରୀଙ୍କୁ ଧମକ ଚମକ ଦେଇଥିଲେ। ଶୋଇଥିବା ଯାତ୍ରୀମାନେ ନିଆଁ ଓ ଧୂଆଁରେ ଶ୍ୱାସରୁଦ୍ଧ ହୋଇପଡ଼ିଥିବା ବେଳେ କିଛି ଯାତ୍ରୀ କାଚ ଭାଙ୍ଗି ଚଳନ୍ତା ବସରୁ ଡେଇଁ ଜୀବନ ବଚାଂଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଡ୍ରାଇଭର ପବନ ଓ କଣ୍ଡକ୍ଟର ଯୋଗେଶଙ୍କୁ ପୁଲିସ ହେପାଜତକୁ ନେଇଛି। ଶର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ କୁହାଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

## ଆମେରିକା-ଇରାନ ୩ ଘଂଟିଆ ଆଲୋଚନା

### ଅରାଘଚି କହିଲେ 'ଚାପ କମାଅ, ୭ ଦିନରେ ଖୋଲିବ ହୋର୍ମୁଜ'



ନ୍ୟୁୟର୍କ, ୨୪।୯: ନ୍ୟୁୟର୍କରେ ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୧ତମ ଅଧିବେଶନ ବେଳେ ବୁଧବାର ଆମେରିକା ଓ ଇରାନର ଅଧିକାରୀଙ୍କ ମଧ୍ୟରେ ପ୍ରାୟ ୩ ଘଟାଂ ବୈଠକ ହୋଇଛି। ସୂତ୍ର ଅନୁସାରେ, ଏଥିରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ, ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଷ୍ଟି ୱିଟ୍‌କଫ ଏବଂ ଇରାନର ବିଦେଶ ମନ୍ତ୍ରୀ ଆବ୍ବାସ ଅରାଘଚି ଯୋଗଦେଇଥିଲେ। କାତାର ଅଧିକାରୀଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ୩ ଘଟାଂ ଧରି ଚାଲିଥିଲା। ଦ ଗାର୍ଡିଆନ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ବୈଠକରେ ଇରାନ ତରଫରୁ ବିଦେଶ ମନ୍ତ୍ରୀ ଅରାଘଚି ଆମେରିକା ସାମ୍ନାରେ କିଛି ସର୍ତ ରଖିଥିଲେ। କହିଥିଲେ, ଇରାନ ଉପରେ ଯଦି ସାମରିକ ଓ ଅର୍ଥନୈତିକ ଚାପ ହ୍ରାସ କରିବାକୁ ପଦକ୍ଷେପ ନିଆଯାଏ, ତେବେ ଆମେ ୭ ଦିନ ଭିତରେ ହୋର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ପ୍ରସ୍ତୁତ। କିନ୍ତୁ ଏ ନେଇ ଆମେରିକାର କ'ଣ ପ୍ରତିକ୍ରିୟା ଥିଲା, ତାହା ଜଣାପଡ଼ି ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଠିକ୍‌ଠାକ୍ ରହିଥିଲା। ଖୁବଶୀଘ୍ର ଆଉ ଏକ ବୈଠକ ବସିବ। ତେବେ ଷ୍ଟିଭ୍ ୱିଟ୍‌କଫ କହିଛନ୍ତି ଯେ ସେ ଇରାନ ଅଧିକାରୀଙ୍କୁ ସିଧାସଳଖ ଭେଟି ନ ଥିଲେ। ମଧ୍ୟସ୍ଥିମାନଙ୍କ ଜରିଆରେ ଆଲୋଚନା ହୋଇଥିଲା। ବୈଠକରେ ଟ୍ରମ୍ପଙ୍କ ଜ୍ୱାଇଁ ଜେରେଡ କୁଶନର ବି ସାମିଲ ହୋଇଥିଲେ। ୱିଟ୍‌କଫଙ୍କ ଅନୁସାରେ, ଗୋଟିଏ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ମଧ୍ୟସ୍ଥିମାନେ ପରବର୍ତୀ ବୈଠକ ଜାରି ରଖିବେ। ଏହା ପୂର୍ବରୁ ଜାତିସଂଘ ସଭାରେ ଉଦ୍‌ବୋଧନ ଦେଇ ଟ୍ରମ୍ପ୍ ଇରାନକୁ ଧମକ ଦେଇଥିଲେ। କହିଥିଲେ, ଇରାନ ପାଖରେ ଏବେ ଦୁଇଟି ରାସ୍ତା। ଆମେରିକା ସହ ଏହା ଡିଲ୍ କରୁ କିମ୍ବା ଭୀଷଣ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହୁ। ଯଦି ଇରାନ ସହିତ ଶାନ୍ତି ବୁଝାମଣା ନ ହୁଏ, ତେବେ ଯୁଦ୍ଧ ଜାରି ରହିବ। ଆମେରିକା ଇରାନକୁ ଧ୍ୱଂସ କରିଦେବ।

## ବର୍ଷା ପାଇଁ ବଢ଼ିପାରେ ସ୍କୁଲ ଛୁଟି :

### ଅତିରିକ୍ତ କ୍ଲାସ୍‌ରେ ଭରଣା ହେବ ପାଠପଢ଼ା : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୨୪/୯(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ଆହୁରି ବଢ଼ିପାରେ ସ୍କୁଲ ଛୁଟି। ଆବଶ୍ୟକ ପଡ଼ିଲେ ଆଉ ଦିନେ କିମ୍ବା ଦୁଇଦିନ ସ୍କୁଲ ବନ୍ଦ ରଖାଯାଇପାରେ। ଏନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ଲଗାଣ ବର୍ଷା ଜାରି ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ କେତେକ ଜିଲ୍ଲାରେ ଜିଲ୍ଲାପାଳମାନେ ଦୁଇଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ବର୍ଷା ପରିସ୍ଥିତିକୁ ଦେଖି ଆବଶ୍ୟକ ହେଲେ ଛୁଟି ଆହୁରି ବଢ଼ାଯାଇପାରେ। ମନ୍ତ୍ରୀ କହିଛନ୍ତି, ବାରମ୍ବାର ଅତ୍ୟଧିକ ବର୍ଷା ଯୋଗୁଁ ସ୍କୁଲ ବନ୍ଦ ରହୁଥିବାରୁ ଶିକ୍ଷାବର୍ଷ ପ୍ରଭାବିତ ହେଉଛି। ପିଲାଙ୍କ ପାଠପଢ଼ାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ତେବେ ପାଠପଢ଼ାରେ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ଆବଶ୍ୟକ ପଡ଼ିଲେ ଅତିରିକ୍ତ କ୍ଲାସ୍ କରାଯିବ। ଗଭୀର ଅବପାତ ଯୋଗୁଁ ବିଶେଷକରି ଦକ୍ଷିଣ ଓଡ଼ିଶାର ୭ଟି ଜିଲ୍ଲା ବର୍ଷାରେ ପ୍ରଭାବିତ ହୋଇଛି। ପାଣିପାଗ ପରିସ୍ଥିତି ଓ ସ୍ଥାନୀୟ ସ୍ଥିତିକୁ ଆଧାର କରି ସ୍କୁଲ ଛୁଟି ନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବ। ଅତ୍ୟଧିକ ବର୍ଷା ଯୋଗୁଁ କେତେକ ଜିଲ୍ଲାରେ ଜିଲ୍ଲାପାଳମାନେ ଦୁଇଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି।

## ଚିଲିକାରେ ପାଣିର ଉଗ୍ର ରୂପ



ବାଣପୁର,୨୪/୯(ନି/ପ୍ର): ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ଆଜି ସକାଳୁ ଦେଖିବାକୁ ମିଳିଛି ପାଣିପାଗର ଉଗ୍ର ରୂପ। ବାତ୍ୟା ଅର୍ଣ୍ଣବକୁ ନେଇ ଲଗାଣ ବର୍ଷା ସାଙ୍ଗକୁ ଚିଲିକା ଅଂଚଳରେ ଜୋରଦାର ପବନ ବହୁଥିବାରୁ ପରିବେଶ ସମ୍ପୂର୍ଣ୍ଣ ଅଶାନ୍ତ ହୋଇପଡ଼ିଛି। ଚିଲିକାର ଜଳ ରାଶିରେ ଉଠୁଛି ବଡ଼ ବଡ଼ ଢେଉ, ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଓ ପବନର ପ୍ରଭାବ ଜନଜୀବନ ଉପରେ ମଧ୍ୟ ପଡୁଥିବା ଦେଖାଯାଇଛି। ପାଣିପାଗ ବିଭାଗର ସତର୍କତା ମଧ୍ୟରେ ଚିଲିକା ଅଂଚଳରେ ନଜର ରଖିଛି ପ୍ରଶାସନ। ଏଭଳି ପରିସ୍ଥିତିରେ ଅତ୍ୟାବଶ୍ୟକ କାମ ଥିଲେ ଲୋକମାନଙ୍କୁ ଘରୁ ବାହାରିବା ସମୟରେ ସତର୍କତା ଅବଲମ୍ବନ କରେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ।

## ଉପକୂଳ, ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା



ଭୁବନେଶ୍ୱର,୨୪/୯(ନି/ପ୍ର): ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତ ସୃଷ୍ଟି ହୋଇଛି। ଏହା ପଶ୍ଚିମ ଆଡ଼କୁ ଗତି କରି ଆଜି ସକାଳ ୮ଟା ୩୦ରେ ଅକ୍ଷାଂଶ ୧୭.୯ସ୍ମ ଉତର ଏବଂ ଦ୍ରାଘିମା ୮୬.୦ସ୍ମ ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି। ଏହା ଗୋପାଳପୁର (ଓଡ଼ିଶା)ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍ (ଆନ୍ଧ୍ରପ୍ରଦେଶ)ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀ (ଓଡ଼ିଶା)ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ର ପୂର୍ବରେ ୨୯୦ କିମି ଦୂରରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଟାଂ ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବାର ବହୁ ସମ୍ଭାବନା ରହିଛି। କ୍ରମାଗତ ଭାବେ ପଶ୍ଚିମ-ଉତରପଶ୍ଚିମ ଆଡ଼କୁ ଗତି କରି ଏହା ଏକ ଗଭୀର ଅବପାତ ରୂପେ ୨୩ ତାରିଖ ରାତିରୁ ୨୪ ସେପଟ୍ଟେମ୍ବର ୨୦୨୬ ପ୍ରାକ୍ ପ୍ରତ୍ୟୂଷ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତୀ ଉତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଉପକୂଳ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆମେ ଆମର ପାଠକଙ୍କୁ ପ୍ରତ୍ୟେକ ମୁହୂର୍ତରେ ଖବର ସହିତ ଅପଡେଟ୍ କରିବାକୁ ଉଦ୍ୟମ କରୁଛୁ। ପ୍ରାରମ୍ଭିକ ସୂଚନା ମାଧ୍ୟମରେ ଏହି ଖବରକୁ ନିରନ୍ତର କ୍ରମାଗତ ଭାବେ ଅପଡେଟ୍ କରୁଛୁ।ମାଲକାନଗିରି : ଗଭୀର ଅବପାତ ଯୋଗୁଁ ସୃଷ୍ଟି ହୋଇଥିବା ଅତି ପ୍ରବଳ ବର୍ଷା ପ୍ରଭାବରେ ମାଲକାନଗିରି ଜିଲ୍ଲାରେ ସ୍ଥିତି ସଂଗୀନ ହୋଇପଡିଛି। ଜିଲ୍ଲାର କଙ୍ଗୁରକୋଣ୍ଡା,ଏମ ଭି - ୯୦,ଏମ ଭି - ୯୬, ପୋଟେରୁ, କନ୍ୟାଶ୍ରମ ବ୍ରିଜ ଉପରେ ୩ ରୁ ୪ ଫୁଟର ପାଣି ପ୍ରଭାବିତ ହେଉଛି। ହାଇଦ୍ରାବାଦକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତାର ଦୁଇପଟେ ଶତାଧିକ ଗାଡି ଅଟକି ରହିଛି।ପିପିଲି: ପିପିଲି ଜଟଣୀ ରାସ୍ତାର ମଠସାହି ପଲ୍ଲବୀ ସ୍କୁଲ ସମ୍ମୁଖରେ ଏକ ଚାକୁଣ୍ଡା ଗଛ ଭାଙ୍ଗି ରାସ୍ତା ଉପରେ ପଡିଯିବାରୁ ପିପିଲି ଜଟଣୀ ମୁଖ୍ୟ ରାସ୍ତା ୪ ଘଟାଂରୁ ଅଧିକ ସମୟ ପର୍ଯ୍ୟନ୍ତ ଯାତାୟାତ ପ୍ରଭାବିତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଖବର ପାଇ ଓଡ୍ରାଫ ଟିମ ପହଂଚି ରାସ୍ତା ଉପରେ ପଡ଼ିଥିବା ଗଛ କାଟି ରାସ୍ତା ଅବରୋଧ ହଟାଇବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା।ପାରାଦ୍ୱୀପ ଉପକୂଳ ମୁହାଁ ଗଭୀର ଅବପାତ। ଏହାର ପ୍ରଭାବରେ ଅଶାନ୍ତ ହୋଇପଡିଛି ସମୁଦ୍ର। ଗଭୀର ସମୁଦ୍ରରେ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ ଏହି ଅବପାତରେ ଫସିଯାଇଛନ୍ତି। ଉଚ୍ଚ ଜୁଆର ଓ ବର୍ଷା ଯୋଗୁଁ କୂଳକୁ ଆସିବା ସମ୍ଭବ ନହେବାରୁ ସେମାନେ ପାରାଦ୍ୱୀପ ବନ୍ଦରରେ ଆଶ୍ରୟ ନେଇଛନ୍ତି।

## ତୃତୀୟ ଦିନରେ ବି ଚାଲି ପାରୁନି ଗୃହ

ଭୁବନେଶ୍ୱର,୨୪/୯(ନି/ପ୍ର): ମୌସୁମି ଅଧିବେଶନର ତୃତୀୟ ଦିନରେ ଆଜି ବି ଗୃହ ଅଚଳ। ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକଙ୍କ ପ୍ରବଳ ହଙ୍ଗାମା ହଟ୍ଟଗୋଳ ପାଇଁ ଚାଲି ପାରୁନି ଗୃହ। ପ୍ରବଳ ହଙ୍ଗାମା ପରେ ୪ଟା ଯାଏଁ ଉପବାଚସ୍ପତି ଗୃହକୁ ମୁଲତବି ଘୋଷଣା କରିଛନ୍ତି। ଏମଏମଡିଆର ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ନାରାବାଜି ଦେଖାଯାଇଛି। ଏମଏମଡିଆର ପ୍ରତ୍ୟାହାର ଦାବିରେ ଗର୍ଜିଲେ କଂଗ୍ରେସ ଓ ବିଜେଡି ବିଧାୟକ। ବିଧାନସଭା ଗାନ୍ଧୀ ମୂର୍ତି ତଳେ ବ୍ୟାନର ପିନ୍ଧି କଂଗ୍ରେସ ପ୍ରତିବାଦ କରିଛି। ହାତରେ ବ୍ୟାନର ଧରି ଓଏମସି ଅଫିସ୍ ଅଭିମୁଖେ ବିଜେଡି ବିଧାୟକଙ୍କୁ ଦେଖାଯାଇଛି। ବାଚସ୍ପତିଙ୍କ ପୋଡିୟମ ତଳେ ବିରୋଧୀ ସଦସ୍ୟଙ୍କ ନାରାବାଜି ସହ ଉପବାଚସ୍ପତିଙ୍କ ଉପରକୁ ବ୍ୟାନର ପିଙ୍ଗିଥିବା ସୂଚନା ମିଳିଛି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ଦେଓଝର ପଚାଂୟତରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

## ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଶତାଧିକ ମହିଳା

ଚମ୍ପୁଆ, ୨୪/୯(ନି/ପ୍ର):ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ଦେଓଝର ପଂଚାୟତର ସିଆଳିଯୋଡ଼ା ଖେଳ ପଡ଼ିଆ ନିକଟରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ବିରୋଧ ଦେଖାଦେଇଛି । ଏହି ଦୋକାନ ସ୍ଥାପନକୁ ବିରୋଧ କରି ପଂଚାୟତର ବିଭିନ୍ନ ଗ୍ରାମର ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ମଦ ଦୋକାନ ନିକଟରେ ଏକ ପୂଜାସ୍ଥଳୀ, ବିଦ୍ୟାଳୟ ଏବଂ ପିଲାମାନଙ୍କ ଖେଳ ପଡ଼ିଆ ରହିଛି । ଏପରି ଏକ ପବିତ୍ର ଓ ଶିକ୍ଷାଗତ ପରିବେଶ ମଧ୍ୟରେ ମଦ ଦୋକାନ ଖୋଲାଗଲେ ସ୍ଥାନୀୟ ପରିବେଶ ଏବଂ ସାମାଜିକ ଶୃଙ୍ଖଳା ନଷ୍ଟ ହେବାର ଆଶଙ୍କା ରହିଛି । ଏହାଦ୍ୱାରା ପାରିବାରିକ କଳହ ଓ ଅନ୍ୟାନ୍ୟ ସାମାଜିକ ଅପରାଧ ବୃଦ୍ଧି ପାଇବ ବୋଲି ମହିଳାମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଗତ ମାସ ୧୩ ତାରିଖରେ ମହିଳାମାନେ ଏକତ୍ରିତ ହୋଇ ପ୍ରସ୍ତାବିତ ଦୋକାନରେ ତାଲା ପକାଇବା ସହ ଦେଓଝର ପଂଚାୟତ ସରପଂଚ ଧ୍ରୁବ ନାଏକଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ । ପରେ ପଂଚାୟତ କାର୍ଯ୍ୟାଳୟରୁ ବ୍ୟାନର ଧରି ସ୍ଲୋଗାନ ଦେଇ ପଦଯାତ୍ରାରେ ସିଆଳିଯୋଡ଼ା ଗ୍ରାମରେ ପହଂଚି ମଦ ଦୋକାନର କାଉଂଟର ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ ପ୍ରକଟ କରିଥିଲେ । ପୂର୍ବରୁ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନଥିଲା । ଫଳରେ ସୋମବାର ଯୋଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣିରେ ଶତାଧିକ ମହିଳା ଉପସ୍ଥିତ ରହି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲାପାଳ ଅବକାରୀ ବିଭାଗର କେନ୍ଦୁଝର ନିରୀକ୍ଷକ ତେଜରାଜ ଜାନିଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ପରେ ଶ୍ରୀ ଜାନି ମହିଳାମାନଙ୍କ ସହ ଆଲୋଚନା କରି ଆଗାମୀ ୭ ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯାଇ ବିଭାଗୀୟ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଅବକାରୀ ବିଭାଗର ତଦନ୍ତ ପରେ କିପରି ପଦକ୍ଷେପ ନିଆଯାଉଛି ତାହା ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି । ଯଦି ସମୟସୀମା ମଧ୍ୟରେ ଠୋସ୍ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।

# କାଶିପାଳରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

କେନ୍ଦୁଝର,୨୪/୯(ନି/ପ୍ର): ଚମ୍ପୁଆ ବ୍ଲକ କାଶିପାଳ ପଂଚାୟତ ଅନ୍ତର୍ଗତ ପଂଚାୟତ ହାଇସ୍କୁଲ, ଖେଳ ପଡିଆ ପରିସରରେ ୩ ଦିନ ଧରି ଚାଲିଥିବା ଚମ୍ପୁଆ ବ୍ଲକ ସ୍ତରୀୟ ଖେଳ କୁଦ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି ।୧୭ତାରିଖ ଗୁରୁବାର ଉଦଘାଟନୀ ଦିବସରେ କାଶିପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନେଶ୍ୱର ମହାନ୍ତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସହକାରୀ ଜିଲ୍ଲାପାଳ ସରୋଜ ରଞ୍ଜନ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚମ୍ପୁଆ ଏ. ବି. ଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଡି. ପି. ଇ. ଓ -ରାମକୃଷ୍ଣ ବେହେରା, ଏ. ବି. ଓ ନରେନ୍ଦ୍ର କୁମାର ନାୟକ, ଜି. ଆର. ସି ଷ୍ଟେଟ କାଉନସିଲର ପ୍ରଶାନ୍ତ କୁମାର ପରିଡା ଏବଂ ଚମ୍ପୁଆ ବ୍ଲକ ସ୍କୁଲ ସ୍କୋଟ ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ବେଜ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କ କ୍ରୀଡା ପ୍ରତିଭା ର ବିକାଶ ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନ ଖୋଖୋ,କବାଡି, ଆଥେଲେଟିକ ( ଦୌଡ କୁଦ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟଫୁଟ, ଜେଭଲିନ ଇତ୍ୟାଦି ), ଚେସ, ଯୋଗ ପ୍ରତିଯୋଗିତା ରେ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିବାବେଳେ ୨ୟ ଦିନ ଶୁକ୍ରବାର କ୍ରିକେଟ ଓ ଭଲିବଲ ପ୍ରତିଯୋଗିତା ହୋଇଥିଲା କ୍ଷ ତୃତୀୟ ଦିନ ଅନ୍ତିମ ଦିବସ ଉଦଯାପନୀରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଫୁଟବଲ ଓ ବାଡ଼ମିଂଟନ ଖେଳ ହୋଇଥିଲା ଓ କୃତି ପ୍ରତିଯୋଗୀ ମାନଙ୍କୁ ସାଟିପିକେଟ ପ୍ରଦାନ କରାଯାଇଥିଲା । ଚମ୍ପୁଆ ବ୍ଲକ ର ୪ଟି ଜୋନ - ସଡ଼ଙ୍ଗୀ, କାଶିପାଳ, ଚମ୍ପୁଆ, ରିମୁଳି ଅନ୍ତର୍ଗତ ସମସ୍ତ ହାଇସ୍କୁଲ ର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇ ଖେଳକୁ ପରିଚାଳନା କରିଥିଲେ କ୍ଷ କାର୍ଯ୍ୟକ୍ରମକୁ କାଶିପାଳ ହାଇସ୍କୁଲ ର ପ୍ରଧାନଶିକ୍ଷକ ଧନେଶ୍ୱର ମହାନ୍ତ, ସହକାରୀ ଶିକ୍ଷକ ଭକ୍ତବନ୍ଧୁ ମହାନ୍ତ, ଲଳିତା ନାଏକ, ସ୍ମିତା ଲାଗୁରୀ, ଲିପସାମୟୀ ନାଏକ, ଭବାନୀ ପାତ୍ର, ବେବିରାଣୀ ଗିରି, କଳ୍ପନା ସିଂହ, ଭକ୍ତବନ୍ଧୁ ନାଏକ, ପ୍ରଦୀପ କୁମାର ମହାନ୍ତ, ମିତ୍ରଭାନୁ ମହାନ୍ତ ଓ କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସହଯୋଗୀତା ରେ ପରିଚାଳିତ ହୋଇଥିଲା



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ବିଦ୍ୟାଳୟରେ ହନୁମାଙ୍କଡ଼ ଆତଙ୍କ

# ପାନୀୟ ଜଳ ସମସ୍ୟାରେ ଅତିଷ୍ଠ ଛତମ୍ବା କଲୋନୀବାସୀ :

## ପଚାଂୟତ କାର୍ଯ୍ୟାଳୟରେ ତାଲା, ମରାମତି ପ୍ରତିଶ୍ରୁତି ପରେ ଖୋଲିଲା



ରାୟଗଡ଼ା,୨୪/୯(ନି/ପ୍ର):ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟାରେ ଛଟପଟ ହେଉଥିବା ଅଭିଯୋଗ କରି ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ଲାଭଟା ପଚାଂୟତର ଛତମ୍ବା କଲୋନୀର ଗ୍ରାମବାସୀ ଆଜି ପଚାଂୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇଥିଲେ । ପାନୀୟ ଜଳ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଛତମ୍ବା କଲୋନୀରେ ଥିବା ପାଣି ଟାଙ୍କି ଦୀର୍ଘଦିନ ହେଲା ସଫା କରାଯାଇନାହିଁ । ଫଳରେ ଟାଙ୍କିରେ ପାଣି ବିଶୋଧନ ବ୍ୟବସ୍ଥା ଠିକ୍ ଭାବେ କାମ କରୁନଥିବା ଅଭିଯୋଗ ହୋଇଛି । ଟାଙ୍କିଟି ଅସୁରକ୍ଷିତ ଓ ଖୋଲାମେଲା ଅବସ୍ଥାରେ ଥିବାରୁ କୁକୁର, ପକ୍ଷୀ ଓ ମାଙ୍କଡ଼ ଟାଙ୍କି ନିକଟକୁ ଯାଉଥିବା ସହ ପାଣି ଦୂଷିତ ହେଉଥିବା ଗ୍ରାମବାସୀ କହିଛନ୍ତି । ଏପରିକି ନଦୀରୁ ଅପରିଷ୍କାର ପାଣି ବିନା ଉପଯୁକ୍ତ ବିଶୋଧନରେ ଯୋଗାଣ କରାଯାଉଥିବା ନେଇ ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ଏହି ପାଣି ବ୍ୟବହାର କରି ଲୋକେ ବିଭିନ୍ନ ସମୟରେ ଅସୁସ୍ଥ ହେଉଥିବା ଗ୍ରାମବାସୀ କହିଛନ୍ତି । ସମସ୍ୟାର ସମାଧାନ ପାଇଁ ବାରମ୍ବାର ବିଡିଓ ପଚାଂୟତ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ଲିଖିତ ଦରଖାସ୍ତ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ସେମାନେ କହିଛନ୍ତି । ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଚିଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା । ପୁଲିସ ଅଧିକାରୀମାନେ ଫୋନ୍ ଯୋଗେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବା ପରେ ଖୁବ୍‌ଶୀଘ୍ର ପାଣି ଟାଙ୍କିର ମରାମତି କରାଯାଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ପୁଲିସର ଉପସ୍ଥିତିରେ ପଚାଂୟତ କାର୍ଯ୍ୟାଳୟର ତାଲା ଖୋଲାଯାଇଥିଲା । ତେବେ ପ୍ରତିଶ୍ରୁତି ଅନୁସାରେ କେବେ ପାଣି ଟାଙ୍କି ମରାମତି ହୋଇ ନିୟମିତ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଛି, ତାହାକୁ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ କଫି ଉତ୍ପାଦନ, ପ୍ରକ୍ରିୟାକରଣ ଓ ବିପଣନ ଉପରେ କର୍ମଶାଳା

ଜୟପୁର,୨୪/୯(ନି/ପ୍ର):ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ କୋରାପୁଟ ସ୍ଥିତ ବ୍ରାଉନ୍ ଭ୍ୟାଲି ଇଷ୍ଟେଟ୍ସ ସହଯୋଗରେ ଆଜି ସୁନାବେଡ଼ା ପରିସରରେ "ଦି କଫି ଜର୍ଣ୍ଣି" ଶୀର୍ଷକ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା । କଫି ଚାଷ, ପ୍ରକ୍ରିୟାକରଣ, ରୋଷ୍ଟିଂ, ବ୍ରୁଇଂ, ମୂଲ୍ୟବର୍ଦ୍ଧନ, ବିପଣନ ଏବଂ କଫି ଉତ୍ପାଦନ ସହ ଜଡ଼ିତ ଉଦୀୟମାନ ବଜାର ସୁଯୋଗ ଆଦି ବିଷୟ ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ କହିଥିଲେ ଯେ, କୃଷି, ଫରେଷ୍ଟ୍ରୀ ଏବଂ ବିଜନେସ ମ୍ୟାନେଜମେଂଟ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଭାବେ ପ୍ରାସଙ୍ଗିକ । ବିହନଠାରୁ କପ୍ ପର୍ଯ୍ୟନ୍ତ କଫି ଅନେକ ପର୍ଯ୍ୟାୟ ଦେଇ ଗତି କରେ । ଏହି ପ୍ରକ୍ରିୟାରେ ଉତ୍ପାଦନ, ପ୍ରକ୍ରିୟାକରଣ, ଅର୍ଥନୀତି, ବିପଣନ ଓ ବ୍ରାଣ୍ଡିଂ ଭଳି ବିଭିନ୍ନ ଦିଗ ସାମିଲ ରହିଛି । ଛାତ୍ରଛାତ୍ରୀମାନେ କଫିର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳା ଏବଂ ଏହାର ଅର୍ଥନୈତିକ ସ୍ଥାୟିତ୍ୱକୁ ବୁଝିବା ଆବଶ୍ୟକ । କର୍ମଶାଳାରେ ନିକ୍ ରିଡ୍ ମେଂଟର୍ ଭାବେ ଯୋଗଦେଇ କଫିର ଇତିହାସ, କଫି ଚାଷ ଓ ଉତ୍ପାଦନ, ବିଭିନ୍ନ ପ୍ରକ୍ରିୟାକରଣ ପଦ୍ଧତି, ରୋଷ୍ଟିଂ କୌଶଳ ଏବଂ ବ୍ରୁଇଂ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିଥିଲେ । ଅଂଶଗ୍ରହଣକାରୀମାନେ କଫିର ମୂଲ୍ୟ ଶୃଙ୍ଖଳା ଏବଂ ବିକାଶଶୀଳ କଫି କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସୁଯୋଗ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ । ସେ ନିଜର ଅଭିଭାଷଣରେ କହିଥିଲେ ଯେ, ଭାରତରେ, ବିଶେଷକରି ଓଡ଼ିଶାରେ, କଫି ବଜାରର ଅନୁସନ୍ଧାନ ଓ ବିକାଶ ପାଇଁ ବ୍ୟାପକ ସୁଯୋଗ ରହିଛି । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅଜିତ କୁମାର ଶାସନୀ କୋରାପୁଟକୁ ଏକ କଫି ଉତ୍ପାଦନ ଅଂଚଳ ଭାବେ ବିକଶିତ କରିବାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, "କୋରାପୁଟରେ ଉଚ୍ଚମାନର କଫି ଉତ୍ପାଦିତ ହେଉଛି ଏବଂ କଫି ଚାଷ ପାଇଁ ଏଠାକାର ଜଳବାୟୁ ଅନୁକୂଳ ।" ଏହି କର୍ମଶାଳାରେ ଏସ୍ସିଏ ପ୍ରମାଣିତ ପ୍ରଫେସନାଲ୍ ବାରିଷ୍ଟା ଓ କଫି ଟେକ୍ନିସିଆନ୍ ତଥା ରୋଷ୍ଟର୍ ନିକ୍ ରିଡ୍ ଏବଂ ବ୍ରାଉନ୍ ଭ୍ୟାଲି କଫି ଇଷ୍ଟେଟ୍, କୋରାପୁଟର ପ୍ରତିଷ୍ଠାତା ସୁଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷଣାର୍ଥୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

# ଚମ୍ପୁଆରେ ପୁଣି ହାତୀ ଆକ୍ରମଣ :

## ଘାସ କାଟୁଥିବା ବେଳେ ହାତୀ ଆକ୍ରମଣରେ ଗୁରୁତର ଆହତ ୬୦ ବର୍ଷୀୟ ବୃଦ୍ଧ

ଚମ୍ପୁଆ, ୨୪/୯(ନି/ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନ ଜଜପୋଷି ଗ୍ରାମ ପଂଚାୟତର ଫୁଲକଣଇ ଗ୍ରାମରେ ପୁଣି ଏକ ହୃଦୟବିଦାରକ ଘଟଣା ଘଟିଛି । ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଭାବରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ଫୁଲକଣଇ ଗ୍ରାମର ଗୋପାଳ ଚନ୍ଦ୍ର ମହାନ୍ତ (୬୦) ନିଜର ଘର ପାଖ ଜମିକୁ ଘାସ କାଟିବାକୁ ଯାଇଥିଲେ । ଏହି ସମୟରେ ହଠାତ୍ ଏକ ୨୫ଟିକିଆ ହାତୀପଲ ସେଠାରେ ଆସି ପହଂଚିଥିଲେ ଏବଂ କିଛି ବୁଝିବା ଆଗରୁ ଗୋପାଳଙ୍କୁ ଆକ୍ରମଣ କରିଥିଲେ । ଏହି ଭୟଙ୍କର ଆକ୍ରମଣରେ ସେ ଗୁରୁତର ଭାବରେ ଆହତ ହୋଇପଡ଼ିଥିଲେ । ପରେ ସ୍ଥାନୀୟ ଗ୍ରାମବାସୀ ଏବଂ ବନବିଭାଗର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିବାବେଳେ ପରିବାରବର୍ଗ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । ଘଟଣାସ୍ଥଳରେ ବନ ବିଭାଗ ପହଂଚି ହାତୀପଲଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛି । ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଦିନକୁ ଦିନ ନଷ୍ଟ ହେଉଥିବାରୁ ସେମାନେ ଜଙ୍ଗଲ ଛାଡ଼ି ଜନବସତି ଆଡକୁ ମୁହାଁଉଛନ୍ତି । ଗ୍ରାମବାସୀମାନେ ନିଜର ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବାଧ୍ୟ ହୋଇ ବାହାରକୁ ଯାଉଛନ୍ତି, କିନ୍ତୁ ଏଭଳି ଅଘଟଣ ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ପ୍ରଶାସନ ଏବଂ ବନ ବିଭାଗ ଏହି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ କେବେ ଦୃଢ଼ ପଦକ୍ଷେପ ନେବ, ତାହାହିଁ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ପାଲଟିଛି ।

# ଚମ୍ପୁଆ ଏନ୍‌ଏସିରେ ବିକାଶର ନଗ୍ନ ଚିତ୍ର : ଡ୍ରେନ୍ ନଥିବାରୁ ଘରେ ପଶୁଛି ବର୍ଷା ପାଣି, ସ୍ଥାନୀୟ ବାସିନ୍ଦା ଅତିଷ୍ଠ

ଚମ୍ପୁଆ,୨୪/୯(ନି/ପ୍ର): ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ଼ ବନ୍ଧସାହିରେ ଡ୍ରେନେଜ ବ୍ୟବସ୍ଥାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି । ୨୦୧୪ ମସିହାରେ ଚମ୍ପୁଆ ପଂଚାୟତରୁ ଏନ୍‌ଏସିରେ ରୂପାନ୍ତରିତ ହେବାପରେ, ସହରୀ ବିକାଶର ସ୍ୱପ୍ନ ଦେଖିଥିବା ଚମ୍ପୁଆବାସୀଙ୍କ ଆଶା ୧୨ ବର୍ଷ ପରେ ମଧ୍ୟ ସ୍ୱପ୍ନରେ ହିଁ ରହିଯାଇଛି । ସହରୀ ବିକାଶ ନାଁରେ ବର୍ଷସାରା କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ କରାଯାଉଥିବାବେଳେ ପ୍ରକୃତ ପକ୍ଷେ ସାହି ବସ୍ତିଗୁଡ଼ିକର ଅବସ୍ଥା 'ଯଥା ପୂର୍ବଂ ତଥା ପରଂ' ସ୍ଥିତିରେ ରହିଛି । ଏବେ ମଧ୍ୟ ଏଠାରେ ବହୁ ସାହିରେ ଭଲ ରାସ୍ତା ଖଣ୍ଡେ ନଥିବା ବେଳେ ଏକାଧିକ ୱାର୍ଡ଼ରେ ଡ୍ରେନେଜ ବ୍ୟବସ୍ଥାର ନାଁ ଗନ୍ଧ ନାହିଁ । ବିଶେଷ କରି ବନ୍ଧସାହିରେ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ଲୋକଙ୍କ ଘର ଭିତରେ ପଶିଯାଉଛି । ଏହାସହିତ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ସାହିବାସୀ ବହୁବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଗୁହାରି କରିଥିଲେ ସୁଦ୍ଧା କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ପ୍ରଶାସନର ଏହି ଉଦାସୀନତାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଚମ୍ପୁଆ ଏନ୍‌ଏସି ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ବିଶ୍ୱରଂଜନ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଏଭଳି ଏକ ସମ୍ବେଦନଶୀଳ ସମସ୍ୟାରୁ ନିଜକୁ ଦୂରେଇ ରଖିବା ଭଳି ଢଙ୍ଗରେ 'ଏନେଇ ଆମ ପାଖରେ କୌଣସି ସୂଚନା ନାହିଁ, ମୁଁ ଘଟଣା ସଂପର୍କରେ ବୁଝୁଛି' ବୋଲି ସଫେଇ ଦେଇଛନ୍ତି । ପ୍ରଶାସନର ଏଭଳି ମନୋଭାବ ପରେ ବନ୍ଧସାହିବାସୀଙ୍କୁ କେବେ ଏହି ଜଳବନ୍ଦୀ ସମସ୍ୟାରୁ ମୁକ୍ତି ମିଳୁଛି, ତାହା ଦେଖିବାକୁ ବାକି ରହିଲା ।



# ଯୁବ ସ୍ୱାଭିମାନ ଟ୍ରଷ୍ଟର ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ : ଜିଲ୍ଲାର ଅଗ୍ରଣୀ

କେନ୍ଦ୍ରାପଡ଼ା,୨୪/୯(ନି/ପ୍ର): ସାମାଜିକ ସଂଗଠନ ଯୁବ ସ୍ୱାଭିମାନ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଗାମୀ ଅକ୍ଟୋବର ଦୁଇ ତାରିଖ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ ସଭାପତି ଇଂ. ସ୍ମୃତି ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଗୋପସ୍ଥିତ ନିର୍ମାଲ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତଥର ପ୍ରତିଷ୍ଠା ଦିବସରେ ତୁଣ୍ଡପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟୁନ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କଟକ ଏସ୍‌ସିବି ବ୍ଲଡ଼ ବ୍ୟାଙ୍କ ଓ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କର ମିଳିତ ସହଯୋଗରେ ଶିବିର ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଛି । ଏଥିସହିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଗାନ୍ଧୀଜୀ ତଥା ଶାସ୍ତ୍ରୀଜୀଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯିବ ବୋଲି ସଭାପତି ଶ୍ରୀ ଜେନା କହିଛନ୍ତି । କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି । ସମ୍ପାଦକ ମନୋଜ ଓଝା ସାଂଗଠନିକ ବିବରଣୀ ଉପସ୍ଥାପନ କରିଥିଲେ ।

# ବଲାଙ୍ଗୀରରେ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ମହୋତ୍ସବ ଓ ଶିକ୍ଷକ ସମ୍ମିଳନୀ

ବଲାଙ୍ଗିର,୨୪/୯(ନି/ପ୍ର): ସଂସ୍କୃତଭାରତୀ, ବଲାଙ୍ଗୀର ଶାଖା ର ଅନୁରୋଧ କ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ମହୋତ୍ସବ ଓ ଶିକ୍ଷକ ସମ୍ମିଳନୀ ମଙ୍ଗଳବାର ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜ୍ଞାନପରମ୍ପରାର ଅମୂଲ୍ୟ ବାହକ ସଂସ୍କୃତ ଭାଷାର ପ୍ରଚାର-ପ୍ରସାର, ସଂରକ୍ଷଣ ତଥା ଶିକ୍ଷାକ୍ଷେତ୍ରରେ ଏହାର ମହତ୍ୱକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୨୫୪ ଜଣ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀରର ସଂସ୍କୃତ ଶିକ୍ଷକ ତଥା ପ୍ରାନ୍ତ ପ୍ରଚାର ପ୍ରମୁଖ ଶେଷଦେବ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂସ୍କୃତଭାରତୀର ପ୍ରାନ୍ତ ସମ୍ପାଦକ ତଥା ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ସଂସ୍କୃତଭାରତୀର ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହଚରଣ ପଣ୍ଡା ଯୋଗଦେଇ ବିଦ୍ୟାଳୟସ୍ତରରେ ସଂସ୍କୃତ ଶିକ୍ଷାକୁ ଅଧିକ ସରଳ, ଜୀବନ୍ତ ଓ ଆକର୍ଷଣୀୟ କରିବା ଦିଗରେ ଶିକ୍ଷକମାନେ ନିରନ୍ତର ପ୍ରୟାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସଭାରେ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତା କରି ଆଧୁନିକ ଶିକ୍ଷାବ୍ୟବସ୍ଥା ସହ ସମନ୍ୱୟ ରକ୍ଷା କରି ସଂସ୍କୃତର ଜ୍ଞାନ, ସାହିତ୍ୟ ଓ ମୂଲ୍ୟବୋଧକୁ ନୂତନ ପିଢ଼ି ନିକଟରେ ପହଂଚାଇବା ହେଉଛି ସଂସ୍କୃତ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମତପୋଷଣ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ପୁରୀର ଶିକ୍ଷାଶାସ୍ତ୍ର ବିଭାଗର ସହକାରୀ ଆଚାର୍ଯ୍ୟ ଡ. ସୁଶାନ୍ତ କୁମାର ରାୟ ବିଷୟବିଶେଷଜ୍ଞ ଭାବେ ଯୋଗଦେଇ ଅଧ୍ୟାପନରେ ନିରନ୍ତର ନବୀନତା ଆଣିବା ସହିତ ଛାତ୍ରଛାତ୍ରୀଙ୍କ ମନରେ ସଂସ୍କୃତ ପ୍ରତି ଆଗ୍ରହ, ଶ୍ରଦ୍ଧା ଓ ଆତ୍ମୀୟତା ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠୀ ବିଶିଷ୍ଟ ଅତିଥି ଭାବେ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପୁର ର ଡ. ମାନସରଞ୍ଜନ ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଏବଂ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା । ଡ. ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଦେବଦତନ୍ନ ଦ୍ୱିବେଦୀ,ଅମିତ ଭୋଇ, ଅର୍ଚ୍ଚନା ତାଣ୍ଡି, ରୀନା ମିଶ୍ର,ଦୀପାଳୀ ଆଚାର୍ଯ୍ୟ, ବୀରକିଶୋର ସୁନା , ଭାଗୀରଥି ସାହୁ, ଶକୁନ୍ତଳା ମାଝୀ ଆଦି ସକ୍ରିୟ ସହଯୋଗ କରିଥିଲେ ।

# ଲଘୁଚାପ ବର୍ଷାରେ ଗଜପତି ବେହାଲ : ଗଛ ପଡ଼ି ୩୨୬(ଏ) ରାଜପଥ ଅବରୋଧ



ପାରଳାଖେମୁଣ୍ଡି,୨୪/୯(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ଗତ ଦୁଇ ଦିନ ଧରି ବର୍ଷା ଲାଗି ରହିବାରୁ ଜିଲ୍ଲାର ପାହାଡ଼ିଆ ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି । କେଉଁଠି ଗଛ ପଡ଼ି ରାଜପଥ ଅବରୋଧ ହୋଇଛି ତ ଆଉ କେଉଁଠି ପାହାଡ଼ରୁ ମାଟି ଅତଡ଼ା ଓ ବଡ଼ ବଡ଼ ପଥର ଖସିଛି । ଆର.ଉଦୟଗିରି ବ୍ଲକ୍ ତିଳିଗାଁରେ ତିନିଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ଆର.ଉଦୟଗିରି ବ୍ଲକ୍ ପରିସଲ ଗାଁ ନିକଟରେ ଗଛ ପଡ଼ିବାରୁ ରାମଗିରି-ମୋହନା-ପାରଳାଖେମୁଣ୍ଡିକୁ ସଂଯୋଗ କରୁଥିବା ୩୨୬(ଏ) ଜାତୀୟ ରାଜପଥ ଅବରୋଧ ହୋଇଥିଲା । ଗଛ ରାସ୍ତା ଉପରେ ପଡ଼ି ରହିବାରୁ ପ୍ରାୟ ଦୁଇ ଘଟାଂ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଆର.ଉଦୟଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ଗଛ କାଟି ହଟାଇଥିଲା । ଏହାପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ବର୍ଷା ଯୋଗୁଁ ଆର.ଉଦୟଗିରି ବ୍ଲକ୍ ପାରିବେଟା ଗାଁ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ସହ ବଡ଼ ବଡ଼ ପଥର ଖସି ପଡ଼ିଥିଲା । ହଠାତ୍ ରାସ୍ତା ଉପରେ ମାଟି ଓ ପଥର ଖସିବାରୁ ଅଚଂଳବାସୀ ଭୟଭୀତ ହୋଇଥିଲେ । ରାସ୍ତାରେ ଯାତାୟାତ ପ୍ରଭାବିତ ହେବା ଆଶଙ୍କା ଦେଖାଦେବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଲଗାଇ ମାଟି ଅତଡ଼ା ଓ ପଥର ହଟାଯାଇଥିଲା । ଲଗାଣ ବର୍ଷାରେ ତିଳିଗାଁରେ ମହେଶ୍ୱର ବେହେରଦଳାଇ, ନରସିଂହ ସାହୁ ଓ ମହାଙ୍କାଳ ସାହୁଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ଘରର କାନ୍ଥ ଭାଙ୍ଗିପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି । ଖବର ପାଇ ତହସିଲଦାର ଘଟଣାସ୍ଥଳରେ ପହଚିଂ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ଆକଳନ କରୁଛନ୍ତି । ଲଘୁଚାପ ପ୍ରଭାବରେ ଆଜି ଜିଲ୍ଲାର ୮ଟି ବର୍ଷାମାପକ କେନ୍ଦ୍ରରେ ମୋଟ ୬୩୩.୫ ମିମି ବର୍ଷା ରେକର୍ଡ ହୋଇଛି । ଜିଲ୍ଲାର ହାରାହାରି ବର୍ଷା ପରିମାଣ ୭୯.୧୯ ମିମି ରହିଛି । ମୋହନାରେ ସର୍ବାଧିକ ୧୪୫ ମିମି ବର୍ଷା ହୋଇଥିବାବେଳେ ଆ ୍ର.ଉଦୟଗିରିରେ ୧୦୨.୩ ମିମି ରେକର୍ଡ ହୋଇଛି । ସେହିପରି ପାରଳାଖେମୁଣ୍ଡିରେ ୮୭.୮ ମିମି, ନୂଆଗଡ଼ରେ ୭୭.୬ ମିମି, ଗୋଷାଣୀରେ ୬୮ ମିମି, ଗୁମ୍ମାରେ ୫୫ ମିମି, କାଶୀନଗରରେ ୪୯ ମିମି ଓ ରାୟଗଡ଼ରେ ୪୮.୮ ମିମି ବର୍ଷା ରେକର୍ଡ ହୋଇଛି । ଲଗାଣ ବର୍ଷା ଜାରି ରହିଥିବାରୁ ପାହାଡ଼ିଆ ଅଚଂଳରେ ମାଟି ଅତଡ଼ା ଓ ପଥର ଖସିବା ସହ ରାସ୍ତା ଅବରୋଧ ଆଶଙ୍କା ଲାଗି ରହିଛି । ବର୍ଷା ସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ ବିଭିନ୍ନ ବିଭାଗକୁ ଆବଶ୍ୟକ ସ୍ଥଳରେ ତୁରନ୍ତ ରାସ୍ତା ସଫା କରିବାକୁ ପଡୁଛି ।

# ବିବିଧା

## ଆଜିର ରାଶିଫଳ

ମେଷ: ଭାଗ୍ୟ ଆପଣଙ୍କ ସାଥ୍ ଦେବ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କର୍ମଚଞ୍ଚଳ ରହିବେ। ଆୟ ବ୍ୟୟ ସମାନ ରହିବ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

ମିଥୁନ: ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

କର୍କଟ: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

କନ୍ୟା: ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

ଧନୁ: ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

ମୀନ: ଆଶା କରିଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଘଟଣା

- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା।
- ୧୮୮୦- ପ୍ରଥମ ଥର ସର୍ବସାଧାରଣ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍‌ଜା କଲା।
- ୧୯୮୦- ସିଏନ୍‌ଏନ୍‌ର ୨୪ ଘଣ୍ଟିଆ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ।


[redacted]

ଦୁଗ୍ଧଜାତ ଦ୍ରବ୍ୟର ଉପକାରିତା ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁନ୍ ପହିଲାକୁ ବିଶ୍ୱ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘ ଖାଦ୍ୟ ଏବଂ କୃଷି ସଂଗଠନ ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। କ୍ଷୀରକୁ ସୁପରଫୁଡ୍ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନ ଥାଏ, ଯାହାକି ଶରୀରର ହାଡ଼କୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଜୀବନ ଆରମ୍ଭରୁ ଆମ ଜୀବନରେ କ୍ଷୀର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହା ଏପରି ଏକ ଖାଦ୍ୟ ଯାହା ସବୁ ବୟସର ଲୋକମାନେ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ତେଣୁ ଏହାର ଆବଶ୍ୟକତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ଦୁଗ୍ଧକୁ ବିଶ୍ୱବ୍ୟାପୀ ବ୍ୟବସାୟ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଜୁନ୍ ୧କୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଏ। ଦୁଗ୍ଧ ବା କ୍ଷୀର ମଣିଷ ସମାଜ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି। ମା' କ୍ଷୀର ହେଉ ବା ଗାଈ କ୍ଷୀର ତାହା ଅମୃତ ସମାନ। ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର। ଆଧୁନିକ ଯୁଗରେ ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦା ସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ। ଏହାବାଦ୍ ଦୁଗ୍ଧ ଉତ୍ପାଦନ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱ ଦୁଗ୍ଧ ଦିବସ ଜୁନ୍ ୧ ତାରିଖରେ ପାଳନ କରାଯାଉଥିବାବେଳେ ଭାରତରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ 'ଜାତୀୟ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ।

## ମାତ୍ରାଧିକ ଓଆରଏସ୍ ପିଇବା କ୍ଷତିକାରକ



ଶରୀରରେ ଜଳୀୟ ଅଂଶ ଏବଂ ଲବଣର ସନ୍ତୁଳନ ବଜାୟ ରଖିବା ପାଇଁ ଓଆର୍‌ଏସ୍ ଅତ୍ୟନ୍ତ ଲାଭଦାୟକ। ଝାଡ଼ାବାନ୍ତି ନଚେତ୍ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହା ଶରୀରକୁ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ। ହେଲେ କିଛି ଜଣ ଏହାକୁ ବୋତଲରେ ପୂରାଇ ରଖି ଦିନସାରା ପିଇଥାନ୍ତି। ମାତ୍ରାଧିକ ଓଆର୍‌ଏସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଓଆର୍‌ଏସ୍‌କୁ ସୀମିତ ମାତ୍ରାରେ ପିଇବା ଜରୁରି ବୋଲି ଦିଲ୍ଲୀ ସଫଦରଜଙ୍ଗ ହସ୍‌ପିଟାଲର ବରିଷ୍ଠ ଡା. ଦୀପକ ସୁମନ କହିଛନ୍ତି। ଏନେଇ ସେ କୁହନ୍ତି, ଖରାଦିନେ ଓଆର୍‌ଏସ୍ ପିଇବାର ଅନେକ ଫାଇଦା ରହିଛି। ଏହା ଶରୀରର ଜଳୀୟ ଅଂଶର ଅଭାବକୁ ଦୂର କରିବା ସହ ଇଲେକ୍ଟ୍ରୋଲାଇଟ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏଥିରେ ସୋଡିୟମ୍, ପୋଟାସିୟମ୍, ଗ୍ଲୁକୋଜ୍ ଥିବାରୁ ଡିହାଇଡ୍ରେସନ୍ ସ୍ଥିତିରେ ଏହା ଶରୀରକୁ ଶୀଘ୍ର ସୁସ୍ଥ କରିଥାଏ। ହେଲେ ଅନ୍ୟ ଜିନିଷ ଭଳି ଏହାକୁ ମଧ୍ୟ ସୀମିତ ମାତ୍ରାରେ ବ୍ୟବହାର କରିବା ଭଲ। ହେଲେ ଯେଉଁମାନେ ସ୍ୱାଭାବିକ ଭାବେ ପାଣି ପିଉଛନ୍ତି ବା ଡିହାଇଡ୍ରେସନ୍‌ର ଶିକାର ହୋଇନାହାଁନ୍ତି ସେମାନେ ବାରମ୍ବାର ଓଆର୍‌ଏସ୍ ପିଇବା ଫଳପ୍ରଦ ନୁହେଁ। କାରଣ ଏଥିରେ ଶର୍କରା ଥିବାରୁ ମାତ୍ରାଧିକ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ମାତ୍ରା ବଢ଼ିଯାଇଥାଏ। ସେହିପରି ଓଆର୍‌ଏସ୍‌ରେ ଲୁଣ ଥିବାରୁ ଏହାକୁ ମାତ୍ରାଧିକ ପିଇବା ଦ୍ୱାରା ରକ୍ତଚାପ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ। କେବଳ ସେତିକି ନୁହେଁ, ଆବଶ୍ୟକତାଠାରୁ ଅଧିକ ଓଆର୍‌ଏସ୍ ପିଇଲେ ଶରୀରରେ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ, ପୋଟାସିୟମ) ଭାରସାମ୍ୟକୁ ନଷ୍ଟ କରିଥାଏ। ଏହା କିଡ୍‌ନୀ ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ବୃକ୍କଜନିତ, ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ, ହୃଦ୍‌ରୋଗୀ, ମଧୁମେହ ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଓଆର୍‌ଏସ୍ ପିଇବା ଅନୁଚିତ।

## ସରିଲା 'ଶକ୍ତିଶାଳିନୀ'ର ସୁଟିଂ



ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ମ୍ୟାଡକ୍ ଫିଲ୍ମସ୍‌ର ହରର୍ ଫିଲ୍ମ 'ଶକ୍ତିଶାଳିନୀ'ର ସୁଟିଂ ଇତିମଧ୍ୟରେ ସରି ଯାଇଛି। ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ଏହି ଚଳଚ୍ଚିତ୍ରରେ ବଙ୍ଗଳା ଲୋକକଥାକୁ ଅଲୌକିକ ଶକ୍ତି ଏବଂ ପ୍ରତିଶୋଧର କାହାଣୀ ସହିତ ଅତି ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଅନୀତ ପଡ୍ଡା ଏଥିରେ ମୁଖ୍ୟ ଭୂମିକାରେ ଦେଖାଯିବେ। ସେ ଡବଲ୍ ରୋଲରେ ନଜର ଆସିବେ। ଗୋଟିଏ ଚରିତ୍ରରେ ସେ 'ଶକ୍ତି'ସାଜିଛନ୍ତି, ଯିଏ ଜଣେ ସାଧାରଣ ମହିଳାରୁ ରକ୍ଷାକର୍ତ୍ତୀ ପାଲଟି ଯାଉଛନ୍ତି। ସେହିପରି ତାଙ୍କର ଦ୍ୱିତୀୟ ଚରିତ୍ରଟି ହେଉଛି 'ଶାଳିନୀ' ନାମକ ଆତ୍ମା ଯିଏ କି ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ଚାହୁଁଛି। ଏହି ଚଳଚ୍ଚିତ୍ରର ସୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହାର ଅଧିକାଂଶ ସୁଟିଂ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କରାଯାଇଛି। ଚଳଚ୍ଚିତ୍ରର ଶେଷ ସିନ୍‌ର ସୁଟିଂ ମେ' ୨୭ ତାରିଖରେ ମୁମ୍ବାଇର ଚିତ୍ରରଥ ଷ୍ଟୁଡିଓରେ କରାଯାଇଥିଲା। ବିନୀତ କୁମାର ସିଂ 'ଶକ୍ତିଶାଳିନୀ'ରେ ଖଳନାୟକ ଭାବେ ଦେଖାଯିବେ। ନାନା ପାଟେକର, ସୀମା ବିଶ୍ୱାସ ଏବଂ ବିଶାଳ ଜେଠୱାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଶକ୍ତିଶାଳିନୀ' ଏବେ ମ୍ୟାଡକ୍ ଫିଲ୍ମସ୍‌ର ହରର୍ କମେଡି ୟୁନିଭର୍ସରେ ସାମିଲ ହୋଇଛି। ପୂର୍ବରୁ ଏହା 'ସ୍ତ୍ରୀ', 'ଭେଡିୟା', 'ମୁଞ୍ଜ୍ୟା' ଭଳି ଫିଲ୍ମ ଆଣିଥିଲା।

# ସ୍ୱସ୍ତି

## ସଂକଳ୍ପ ବିନା ପୂଜା ଅଧୁରା

**ଶାସ୍ତ୍ରରେ ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ କରିବା ନିୟମ ଅଛି। ପୂଜା କରିବା ପୂର୍ବରୁ ତଥା ବ୍ରତ ରଖିବା ପୂର୍ବରୁ ନିଜ ଇଷ୍ଟ ଦେବଙ୍କ ଧ୍ୟାନ କରିବା ଦରକାର। ଏହା ପରେ ପୂଜା ତଥା ବ୍ରତ କରିବାକୁ କୁହାଯାଏ। ତେବେ ସଂକଳ୍ପ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



ଧାର୍ମିକ ମାନ୍ୟତାନୁସାରେ, ପୂଜା ତଥା ବ୍ରତ ପୂର୍ବରୁ ସଂକଳ୍ପ ନ ରଖିବା ପୂର୍ବରୁ ପୂଜା, ବ୍ରତ ଅଧୁରା ବୋଲି ବିବେଚନା କରାଯାଏ। ଏହାକୁ କରିବାର ଶୁଭଫଳ ପ୍ରାପ୍ତି ହୁଏ ନାହିଁ। ଧାର୍ମିକ ମାନ୍ୟତାନୁସାରେ, ଯେଉଁମାନେ ବିନା ସଂକଳ୍ପରେ ପୂଜା ତଥା ବ୍ରତ ରଖନ୍ତି, ସେମାନଙ୍କ ପୂଜାର ପୂରା ଫଳ ଦେବରାଜ ଇନ୍ଦ୍ର ନେଇଥାନ୍ତି।

ସେହିପରି କୌଣସି ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ ନେବାର ଅର୍ଥ ହେଉଛି ଇଷ୍ଟଦେବ ତଥା ନିଜେ ନିଜକୁ ସାକ୍ଷୀ ଭାବି ମନକୁ ମନ ସଂକଳ୍ପ ନେବା। ସଂକଳ୍ପ ଦ୍ୱାରା ପୂଜା ତଥା ବ୍ରତକୁ ପୂର୍ଣ୍ଣ କରିବା ପ୍ରାର୍ଥନା କରାଯାଏ। ତେବେ ସଂକଳ୍ପ କରିବାର ନିୟମ ଓ ବିଧି ରହିଛି। ଏଥିରେ ପୂଜା କରୁଥିବା ବ୍ୟକ୍ତି ପ୍ରଥମେ ହାତରେ ଜଳ ଧାରଣ କରେ। ତା'ସହ ଅକ୍ଷତ ଓ ଫୁଲ ରଖି ଭଗବାନ ଗଣେଶଙ୍କୁ ଧ୍ୟାନ କରି ସଂକଳ୍ପ କରନ୍ତି। ଶ୍ରୀଗଣେଶଙ୍କୁ ଧ୍ୟାନ କରିବା ପଛର କାରଣ ହେଲା ସେ ହେଉଛନ୍ତି ଅଗ୍ନି, ପୃଥିବୀ, ଜଳ, ବାୟୁ ଆକାଶର ଅଧିପତି। ଏହି ବିଧିରେ ସଂକଳ୍ପ କରିବା ଦ୍ୱାରା କୌଣସି ବିଘ୍ନ ବିନା ପୂଜା ପୂର୍ଣ୍ଣ ହୁଏ। ଏହା ସହ ବ୍ରତ ରଖିବାର ପୂରା ଫଳ ପ୍ରାପ୍ତ ହୁଏ। ସଂକଳ୍ପର ସବୁଠୁ ଜରୁରି ନିୟମ ହେଉଛି ଯେଉଁ ବ୍ରତ ତଥା ପୂଜା ଲାଗି ସଂକଳ୍ପ ନିଆଯାଏ, ତାହାକୁ ପୂରା ଜରୁରି କରାଯାଏ। ସଂକଳ୍ପ ନେବା ପରେ ବ୍ରତ ତଥା ପୂଜାକୁ ଅଧୁରା ଛାଡ଼ିଲେ ଇଷ୍ଟଦେବ କ୍ରୋଧ ପ୍ରକଟ କରିଥାନ୍ତି।

## ସପ୍ତାହର ୭ ଦିନରେ କେଉଁ କାର୍ଯ୍ୟ କରିବେ

**ସପ୍ତାହର ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ଦିନର ଆରମ୍ଭ ଅଲଗା ଅଲଗା ଗ୍ରହରୁ ହୋଇଥାଏ। ସୋମବାରରୁ ରବିବାର ମଧ୍ୟରେ କିଛି କାମ କରିବା ଅତ୍ୟନ୍ତ ଶୁଭ। ସେହିପରି ଏହି ସାତ ଦିନରେ କିଛି କାମ କରିବାକୁ ବାରଣ କରାଯାଇଛି।**



ରବିବାର: ସୂର୍ଯ୍ୟଦେବଙ୍କଠାରୁ ରବିବାର ଆରମ୍ଭ। ଏହିଦିନ ଶାସନ ତଥା ଅସ୍ତ୍ରଶସ୍ତ୍ର ସହ ଜଡ଼ିତ କାମ କରିବା ଉଚିତ। କୌଣସି ବଡ଼ ଚୁକ୍ତି ଏହିଦିନ କରିବା ଶୁଭ। ସେହିପରି ଏହି ଦିନ କାହା ସହିତ ଝଗଡ଼ା କରିବା ଅନୁଚିତ। ତୁଳସୀ ଛିଡ଼ାଇବା ଭଲ ନୁହେଁ। କଳା ବସ୍ତ୍ର ଏହିଦିନ ପିନ୍ଧିବା ଭଲ ନୁହେଁ। ରବିବାର କେଶ ଏବଂ କ୍ଷୌର କାର୍ଯ୍ୟ କରିବା ମନା।

ସୋମବାର: ଭଗବାନ ଶିବଙ୍କୁ ସୋମବାର ସମର୍ପିତ। ଦିନର ଆରମ୍ଭ ଚନ୍ଦ୍ରଦେବଙ୍କଠାରୁ ହୋଇଥାଏ। ଏହିଦିନ ଅର୍ଥ ନେଣଦେଣ କରିପାରିବେ। ବୃକ୍ଷ ରୋପଣ ସହ ପଶୁ ପାଳନ କରିପାରିବେ। ଆଭୂଷଣ କିଣିବା ଲାଗି ସୋମବାର ଶୁଭ। ବାପାମାଆଙ୍କ ଅପମାନ କରନ୍ତୁ ନାହିଁ। ଦ୍ୱିପହରରେ ଶୁଅନ୍ତୁ ନାହିଁ। ଏହିଦିନ ପୂର୍ବ, ଉତ୍ତର ଦିଗରେ ଯାତ୍ରା କରନ୍ତୁ ନାହିଁ। ଏହିଦିନ ଚାକିରି ଆରମ୍ଭ କରନ୍ତୁ ନାହିଁ।

ମଙ୍ଗଳବାର: ମଙ୍ଗଳବାରର ସ୍ୱାମୀ ହନୁମାନ। ଭୂମିପୁତ୍ର ମଙ୍ଗଳଙ୍କଠାରୁ ଦିନର ପ୍ରାରମ୍ଭ ହୋଇଥାଏ। ଜମି କିଣାବିକା ଲାଗି ଏହି ଦିନ ଶୁଭ। ସଶସ୍ତ୍ର ସମ୍ବନ୍ଧିତ କାର୍ଯ୍ୟ କରିବା ଶୁଭ। କାହାଠାରୁ ଧାରକରଜ କରନ୍ତୁ ନାହିଁ। ନଖ, କେଶ ଆଦି କାଟିବା ଭଲ ନୁହେଁ।

ବୁଧବାର: ବୁଧବାରର ସ୍ୱାମୀ ଶ୍ରୀଗଣେଶ। ଦିନର ଆରମ୍ଭ ବୁଧ ଗ୍ରହରୁ ହୋଇଥାଏ। ବୁଧବାର ନୂଆ ବ୍ୟବସାୟ ଆରମ୍ଭ କରିବା ଭଲ। ପିଲାଙ୍କ ପଢ଼ା ଲେଖା ବୁଧବାରରୁ ଆରମ୍ଭ କରିବା ଉଚିତ। ମିଛ ନ କହିବା ସହ କୌଣସି କନ୍ୟା ଏବଂ କିନ୍ନରଙ୍କ ଅପମାନ କରିବା ଅନୁଚିତ। ବୁଧବାର ପାନ ଖାଇବା ମନା।

ଗୁରୁବାର: ଗୁରୁବାରର ସ୍ୱାମୀ ଗ୍ରହ ଭଗବାନ ବିଷ୍ଣୁ। ଗୁରୁ ଗ୍ରହରୁ ଏହି ଦିନର ଆରମ୍ଭ। କଦଳୀ ଗଛ ପୂଜା କରିବା ଉଚିତ। ହଳଦିଆ ବସ୍ତ୍ର ପରିଧାନ କରିବା ଭଲ। ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟ କରିବା ଭଲ। କେଶ, ନଖ ତଥା କ୍ଷୌର କର୍ମ କରିବା ଭଲ ନୁହେଁ। ଧାର କରଜ କରିବା ଭଲ ନୁହେଁ। ଡ୍ରେସ ତଥା ଘର ସଫାସଫି କରିବା ଅନୁଚିତ।

ଶୁକ୍ରବାର: ଶୁକ୍ରବାରର ଆରମ୍ଭ ଶୁକ୍ର ଗ୍ରହରୁ ହୋଇଥାଏ। ଗୀତ-ସଙ୍ଗୀତ ସହ ଜଡ଼ିତ କାର୍ଯ୍ୟ ଏହିଦିନରୁ କରିବା ଭଲ। ପ୍ରେମ ଲାଗି ଏହିଦିନ ଶୁଭ। ନୂଆ ପୋଷାକ କିଣିବା ପାଇଁ ଭଲ ଦିନ। ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା ଏହିଦନ ଝଗଡ଼ା କରିବା ଅନୁଚିତ। ଦୃଷ୍ଟିବାଧିତ ଏବଂ କନ୍ୟାଙ୍କ ଅପମାନ କରିବା ଭଲ ନୁହେଁ।

ଶନିବାର: ଶନିଦେବଙ୍କୁ ଏହିଦିନ ସମର୍ପିତ। ତନ୍ତ୍ର-ମନ୍ତ୍ର ସିଦ୍ଧି ଲାଗି ଏହା ଶୁଭ। ଲୁହା, ଜୋତା, ଚପଲ ଆଦି କିଣିବା ଭଲ ନୁହେଁ। ଶ୍ରମିକଙ୍କ ଅପମାନ କରନ୍ତୁ ନାହିଁ। କାହା ସହିତ ଅନ୍ୟାୟ କିମ୍ବା ଧାର କରଜ କରିବା ଭଲ ନୁହେଁ।

[redacted]



**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଗୋଚରର ବିଶେଷ ମହତ୍ତ୍ୱ ଅଛି। ଜୁନ୍‌ରେ ଗୁରୁ, ଶୁକ୍ର, ସୂର୍ଯ୍ୟ, ମଙ୍ଗଳ ଏବଂ ବୁଧ ଗ୍ରହଙ୍କ ଗୋଚର ହେବ। ଏହି ବଡ଼ ଗ୍ରହଙ୍କ ଗୋଚର ଦ୍ୱାରା ୫ ରାଶିଙ୍କୁ ଲାଭ ମିଳିବ।**

ମେଷ: ଏହି ରାଶି ବ୍ୟକ୍ତିବିଶେଷଙ୍କୁ ଜୁନ ମାସରେ ଶୁଭ ଫଳ ମିଳିବ। ମନରେ ଏକ ଅଲଗା ଉତ୍ସାହ ପରିଲକ୍ଷିତ ହେବ। ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବ। କ୍ୟାରିୟରରେ ଲାଭ ମିଳିବ। କଠିନ କାମ ସହଜ ଏବଂ ବିନା ବାଧାରେ ପୂରଣ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

ମିଥୁନ: ଏହି ମାସରେ ଆର୍ଥିକ ସ୍ଥିତି ମଜଭୁତ ହେବ। ଆୟ ବୃଦ୍ଧି ପାଇବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥ ସଙ୍କଟ ଦୂର ହେବ। ବ୍ୟବସାୟ ଯୋଜନା ସଫଳ ହେବ। ବୈବାହିକ ଜୀବନ ସୁଖମୟ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

କର୍କଟ: ଏହି ମାସ କର୍କଟ ରାଶିଙ୍କ ପାଇଁ ଲାଭକାରୀ ହେବ। ମାନ ସମ୍ମାନ ଏବଂ ପଦୋନ୍ନତିରେ ବୃଦ୍ଧି ଘଟିବ। ଏହି ମାସ ଶେଷରେ କୌଣସି ଖୁସି ଖବର ମିଳିବ। କୌଣସି ବଡ଼ କାମ ପୂରା ହେବ। ଧର୍ମ-କର୍ମରେ ରୁଚି ବଢ଼ିବ। ଆୟ ଦ୍ୱିଗୁଣିତ ହେବ।

କନ୍ୟା: ଘର ତଥା ମାତା ସୁଖ ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଧନ ଲାଭ ସହିତ ଜୀବନରେ ଉନ୍ନତି ଘଟିବ। କ୍ୟାରିୟରରେ ଆଗକୁ ବଢ଼ିବାର ସୁଯୋଗ ମିଳିବ।

ବିଛା: ବିଛା ରାଶିଙ୍କ ପାଇଁ ଏହି ମାସ ଲାଭକାରୀ ହେବ। ପୂରା ମାସ ଶୁଭ ଏବଂ ମଙ୍ଗଳକାରୀ ହେବ। ଅନେକ ଶୁଭ ଖବର ମିଳିବ। ଅଟକି ରହିଥିବା କାମ ପୂରଣ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଅଯଥା ଖର୍ଚ୍ଚ କରିବାରୁ ବଞ୍ଚିତ ହେବେ।

## ହନୁମାନ ଅଷ୍ଟକ ପାଠର ନିୟମ

**ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ପ୍ରାପ୍ତି ଲାଗି ହନୁମାନ ଚାଳିଶା, ବଜରଙ୍ଗବାଣ, ସୁନ୍ଦରକାଣ୍ଡ, ହନୁମାନ ଅଷ୍ଟକ ପାଠ କରାଯାଏ। ସନାତନ ଧର୍ମ ଶାସ୍ତ୍ର ମୁତାବିକ ହନୁମାନ ଅଷ୍ଟକ ପାଠ କରିବାର ବିଶେଷ ନିୟମ ଅଛି।**

- ହନୁମାନ ଅଷ୍ଟକ ପାଠ କରିବା ପୂର୍ବରୁ ସ୍ନାନ କରିବା ଜରୁରି।
- ହାତରେ ଜଳ କିମ୍ବା ଗଙ୍ଗା ଜଳ ରଖି ସଂକଳ୍ପ କରନ୍ତୁ।
- ପୂଜା ସ୍ଥାନରେ ନାଲି ରଙ୍ଗ ଆସନ ପକାନ୍ତୁ। ନାଲି ରଙ୍ଗ ବସ୍ତ୍ର ପିନ୍ଧି ସେହି ଆସନରେ ବସନ୍ତୁ।
- ଏହାବାଦ୍ କୌଣସି ହନୁମାନ ମନ୍ଦିରରେ ବସି ଏହାକୁ ପାଠ କରିପାରିବେ।
- ପାଠ କରିବା ପୂର୍ବରୁ ହନୁମାନଙ୍କୁ ଧୂପ-ଦୀପ ପ୍ରଦାନ କରନ୍ତୁ। ସିନ୍ଦୁର, ନାଲି ଫୁଲ ଏବଂ ବୁନ୍ଦି ଲଡୁ ଅର୍ପଣ କରନ୍ତୁ।
- ଅଷ୍ଟକ ପାଠର ଶୁଭ ଫଳ ପାଇଁ ୩, ୫, ୧୧, ୨୧ ଥର ଏହାର ପାଠ କରନ୍ତୁ।
- ଅଷ୍ଟକ ପାଠ ଦିନ ଆମିଷ ଏବଂ ନିଶା ସେବନ କରିବା ଅନୁଚିତ।
- ଶାନ୍ତ ପରିବେଶ ଏବଂ ନିଷ୍ଠାର ସହ ଏହାକୁ ପାଠ କରିବା ଉଚିତ।



ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶୁକ୍ରବାର ୨୫ ସେପ୍ଟେମ୍ବର ୨୦୨୬**

## ସାମାନ୍ୟ କଥନ : ଖ୍ୱାଜାଙ୍କ ଦରଗାହ

ହିନ୍ଦୁ ଧର୍ମରେ ଯେମିତି 'ଭକ୍ତିବାଦ', ଇସଲାମରେ ସେମିତି ସୁଫିବାଦ। ଉଭୟର ପ୍ରସାର ମଧ୍ୟକାଳରେ; ଉଭୟ ମଧ୍ୟରେ ପ୍ରମୁଖ ସାମଞ୍ଜସ୍ୟ ହେଲା- ପରମାତ୍ମାଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ ହିଁ ଏକମାତ୍ର ଧ୍ୟେୟ। ତାହା ହିଁ ବ୍ୟକ୍ତି ପାଇଁ ଅନ୍ତିମ ଆଶ୍ରୟ ସ୍ଥଳୀ। ଏଥି ପାଇଁ ବିଷୟ-ପ୍ରାଚୁର୍ଯ୍ୟ ଅଲୋଡ଼ା, ପ୍ରଗାଢ଼ ତାତ୍ତ୍ୱିକ ଜ୍ଞାନ ଅଲୋଡ଼ା ଏବଂ ଧାର୍ମିକ ରୁଢ଼ିବାଦ କିମ୍ବା ଜଟିଳ ଖର୍ଚ୍ଚବହୁଳ କର୍ମକାଣ୍ଡ ମଧ୍ୟ ଅନାବଶ୍ୟକ ! ସୁଫୀବାଦର ମୂଳ ଯଦିଓ ପାରସ୍ୟରେ (ଇରାନ), ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରୁ ଏହାର ପ୍ରସାର ଭାରତରେ ଦେଖିବାକୁ ମିଳେ। ରାଜସ୍ଥାନର ଆଜମେର ହେଲା ସୁଫି ସନ୍ଥ ଖ୍ୱାଜା ମୈନୁଦ୍ଦିନ ଚିସ୍ତିଙ୍କର (ଖ୍ରୀ. ୧୧୪୩-୧୨୩୬) ପୀଠ ସ୍ଥଳୀ। ଅନ୍ତତଃ ମଧ୍ୟକାଳରୁ ସମଗ୍ର ଭାରତ ଉପମହାଦେଶରେ ଆଜମେରର ପ୍ରସିଦ୍ଧି ପୁଷ୍କର ସ୍ଥିତ ବ୍ରହ୍ମାମନ୍ଦିର ପାଇଁ ଯେତିକି, ଖ୍ୱାଜାଙ୍କ 'ଦରଗାହ' ପାଇଁ ମଧ୍ୟ ସେତିକି। ସୁଫି-ବିଚାରରେ 'ଉର୍ସ' (ସନ୍ଥଙ୍କର ମହାପ୍ରୟାଣ) ହେଉଛି ଏକ ପବିତ୍ର ମହୋତ୍ସବ, କାରଣ ସେହି ଦିନ ପରମାତ୍ମାଙ୍କ ସହିତ ସନ୍ଥଙ୍କର 'ମହାମିଳନ' ଘଟିଲା। ତାହା ପରମାନନ୍ଦର କ୍ଷଣ; ଦୁଃଖ-ରୋଦନର ତହିଁରେ ସ୍ଥାନ କାହିଁ ! ଛ' ଦିନ ବ୍ୟାପି ମହାଉତ୍ସାହରେ ପାଳିତ ହେଉଥିବା 'ଉର୍ସ' ବେଳେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସମଗ୍ର ଉପମହାଦେଶରୁ ଆଜମେର ଦରଗାହକୁ ଦର୍ଶନ ପାଇଁ ଆସନ୍ତି। ଭାରତର ରାଜନୈତିକ ମାନଚିତ୍ରରେ ରାଷ୍ଟ୍ର-ରାଷ୍ଟ୍ର ନାଁରେ ଆଜି ଅନେକ କଟା-ବଛା, ନାହିଁ ନ ଥିବା ବାଛ-ବିଚାର। ହେଲେ, ଆଜମେର ଦରଗାହରେ ସମଗ୍ର ଉପମହାଦେଶର ଲୋକଙ୍କ ମହାମିଳନ ଘଟେ; ଆମ ସାଂସ୍କୃତିକ ଐତିହ୍ୟ ସର୍ବଦା ଅଖଣ୍ଡ ବୋଲି ସିଦ୍ଧ ହୁଏ। ଖ୍ୱାଜା ମୈନୁଦ୍ଦିନ ଚିସ୍ତି ଦିଲ୍ଲୀ ସୁଲତାନ ଇଲତୁତମିସଙ୍କ ରାଜୁତି (୧୨୧୦-୧୨୩୬) କାଳରେ ବା ତା'ର ଅଳ୍ପ ଆଗରୁ ପାରସ୍ୟରୁ ଆସି ଆଜମେର ଠାରେ ଆସ୍ଥାନ କରି ରହିଗଲେ। ଆଜମେରର ରହଣି କାଳରେ ତାଙ୍କ ଅଧ୍ୟୟନ ଓ ଦର୍ଶନ-ଜ୍ଞାନ ଚରମୋତ୍କର୍ଷ ଲାଭ କଲା; ତାଙ୍କ ଖ୍ୟାତି ବଢ଼ିଲା; ସାଧାରଣ ଜନଙ୍କ ପ୍ରତି ତାଙ୍କ ସ୍ନେହ-



ଆଦର ଯୋଗୁଁ ସେ 'ଗରିବ-ନଓ୍ୱାଜ' ନାମ ଅର୍ଜନ କଲେ; ସେ ଅଲୌକିକତାର ଅଧିକାରୀ ବୋଲି ମନେ କରାଗଲା। ତେଣିକି, ତାଙ୍କ ଝାଟି-ମାଟିର ଆସ୍ଥାନକୁ ଦର୍ଶନ ନିମନ୍ତେ ଦିଲ୍ଲୀରୁ ସୁଲତାନ ଇଲତୁତମିସଙ୍କ (ଖ୍ରୀ. ୧୨୩୨ରେ) ପର୍ଯ୍ୟନ୍ତ ଆସିଲେ। ତାଙ୍କ ମହାପ୍ରୟାଣ (୧୨୩୬) ଉତ୍ତାରୁ ସେହି ସ୍ଥାନରେ 'ଦରଗାହ' ନିର୍ମିତ ହେଲା। ଲୌକିକ ସ୍ତରରେ ତାକୁ ଖ୍ୱାଜାଙ୍କ 'ଦରବାର' ବୋଲି କୁହାଗଲା। ଖ୍ୱାଜା ମୈନୁଦ୍ଦିନଙ୍କ ଜୀବିତାବସ୍ଥାରେ ଝାଟି-ମାଟିର ଦରବାରରେ (ଆସ୍ଥାନରେ) ଯେତେ ମାତ୍ରାରେ ଲୋକ ସମାଗମ ହେଉଥିଲା, ତାଙ୍କ ପ୍ରୟାଣ ପରେ ଧର୍ମ ନିର୍ବିଶେଷରେ 'ଦରଗାହ'ରେ ତହିଁରୁ ଅଧିକ ସଂଖ୍ୟକ ଲୋକ ଠୁଳ ହେଲେ; ସମସ୍ତଙ୍କ ଦୃଢ଼ ବିଶ୍ୱାସ, ଖ୍ୱାଜା, ଗରିବ ନଓ୍ୱାଜ କାହାକୁ ନିରାଶ କରନ୍ତି ନାହିଁ। ସଭିଙ୍କ ମନୋବାଞ୍ଛା ପୂରଣ କରନ୍ତି। ଯେଉଁ ଆସ୍ଥାରେ ଲୋକେ ଦରଗାହର କାନ୍ଥ-ବାଡ଼କୁ ଧରି କାନ୍ଦିକାନ୍ଦି ଦିନରାତି ନିଜ ନିଜ ଦୁଃଖ ବଖାଣୁଥାନ୍ତି, ତାହା ଆଖିରେ ନ ଦେଖିବା ଯାଏ ବିଶ୍ୱାସ କରି ହେବ ନାହିଁ। ସତେ ଯେମିତି, ପରଲୋକଗତ ଖ୍ୱାଜାଙ୍କ ଠାରୁ ଅଧିକ ଅନ୍ତରଙ୍ଗ ସଂସାରରେ କେହି ନାହିଁ। ପ୍ରବାଦ ଅଛି ଯେ ଖ୍ୱାଜାଙ୍କ ଡକରାରେ ଲୋକ ଆଜମେର ଆସନ୍ତି। ୧୫୨୬ ଖ୍ରୀଷ୍ଟାବ୍ଦରେ ସୁଲତାନୀ ଶାସନର ପତନ ପରେ ମୋଗଲ ସମ୍ରାଜ୍ୟର ଆରମ୍ଭ ହେଲା। ଦରଗାହର ଖ୍ୟାତି ଆହୁରି ବଢ଼ିଲା। ମୋଗଲ ବାଦଶାହ ଆକବର ରାଜଧାନୀ ଆଗ୍ରାରୁ ଅନ୍ୟୂନ ୧୪ଥର ଖ୍ୱାଜାଙ୍କ 'ଦରବାର'କୁ ଆସିଥିଲେ। ୧୫୬୬ ଖ୍ରୀଷ୍ଟାବ୍ଦରେ ଆକବର ଥରେ ଖାଲି ପାଦରେ ନିଜ ପାଟରାଣୀ ଯୋଧାବାଈଙ୍କୁ ସାଙ୍ଗରେ ଘେନି ଆସିଥିଲେ। ୧୫୬୮ ରେ ସେ ଦରଗାହକୁ 'ଲଙ୍ଗର' ପ୍ରସ୍ତୁତି ପାଇଁ ଯେଉଁ ବିଶାଳ ହଣ୍ଡା ପ୍ରଦାନ କରିଥିଲେ, ତାକୁ ତିନିଟି ଭାଗରେ ବୋହିବା ପାଇଁ ତିନିଟି ହାତୀର ଲୋଡ଼ା ପଡ଼ିଥିଲା। କୁହାଯାଏ, ୨୦ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଏହି ହଣ୍ଡା ହେଉଛି ବିଶ୍ୱରେ ସର୍ବବୃହତ୍ ?। ଏହାର ପର ବର୍ଷ ଯୋଧାବାଈଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା, ଯିଏ ସଲିମ (ଜାହାଙ୍ଗୀର) ନାମରେ ପରିଚିତ। ନିରକ୍ଷର ହେବା ସତ୍ତ୍ୱେ ଆକବର ଧାର୍ମିକ ସମନ୍ୱୟ ଓ ସମାବେଶୀ ଚରିତ୍ରକୁ ନିଜ ରାଜଧର୍ମର ଧ୍ୟେୟ କରିଥିଲେ। ଏହା ପଛରେ ପ୍ରମୁଖ କାରଣ ଥିଲା ଉଦାର ସୁଫି-ବିଚାର ଓ ଶାନ୍ତ-ସୌମ୍ୟ ପାଟରାଣୀ ଯୋଧାବାଈଙ୍କ ବ୍ୟକ୍ତିତ୍ୱର ପ୍ରଭାବ। ଆକବରଙ୍କ ଅଣନାତି ଦାରା ସିକୋହ (ମୁମତାଜ ଓ ଶାହାଜାହାନଙ୍କ ଜ୍ୟେଷ୍ଠ ପୁତ୍ର) ଆଜମେର ଠାରେ ଜନ୍ମ ଲାଭ କରିଥିଲେ; ପିଲା ଦିନରୁ ସୁଫି-ବିଚାରକୁ ସେ ଏତେ ମାତ୍ରାରେ ଅନ୍ତରସ୍ଥ କରି ନେଇଥିଲେ ଯେ ପାର୍ସୀରେ 'ମଜମା-ଉଲ-ବାହାରେନ' (ଓଡ଼ିଆରେ ଅର୍ଥ ହେବ- ଦୁଇ-ସମୁଦ୍ରର ସଙ୍ଗମ) ନାମରେ ଏକ ଗ୍ରନ୍ଥ ରଚନା କରିଥିଲେ, ଯାହା ସମାଜର ବିକାଶ ପାଇଁ ଧାର୍ମିକ ଉଦାରତା ଓ ସାଂସ୍କୃତିକ ସମନ୍ୱୟର ମହତ୍ତ୍ୱକୁ ଦର୍ଶାଏ। ଦାରା ଥିଲେ ଆକବରଙ୍କ ପ୍ରକୃତ ବୌଦ୍ଧିକ ଉତରାଧିକାରୀ। ଆଉରଙ୍ଗଜେବଙ୍କ ବଦଳରେ ସେ ଯଦି ଶାହାଜାହାନଙ୍କ ପରେ ମୋଗଲ ବାଦଶାହ ହୋଇଥାନ୍ତେ, ସମ୍ଭବତଃ ହିନ୍ଦୁ-ମୁସଲିମ ମଧ୍ୟରେ ବିଦ୍ୱେଷ ବଳ ପାଇ ନଥାନ୍ତା। ଆଜମେର ରହଣି ଅବସରରେ ଅନେକ ଥର ଦରଗାହ ଯାଇଛି; କଥାବାର୍ତ୍ତା ବେଳେ ଶ୍ରଦ୍ଧାଳୁ କହନ୍ତି, ଏହା ଭାରତର 'ମକ୍କା'; ଅନ୍ତତଃ ବର୍ଷକୁ ଥରଟିଏ ଆସିବାକୁ ପ୍ରତ୍ୟେକେ କାମନା ରଖନ୍ତି। ପୁଣି, ଦୃଶ୍ୟାନ୍ତରରେ ଦେଖିଲେ, ଲୋକଗହଳି ଯୋଗୁଁ ଧନ-ଲୋଲୁପ, ଠକ ଓ ଶଠଙ୍କର ମଧ୍ୟ ଏଠି ରାଜୁତି; ଦରଗାହ ଭିତରେ 'ଖାଦିମ' (ଖ୍ୱାଜାଙ୍କ ପୁରୁଷାନୁକ୍ରମିକ ଉତରାଧିକାରୀ) ଓ ଦରଗାହ ବାହାରେ ଭିଖାରିଙ୍କ ନାହିଁ ନ ଥିବା ପ୍ରାଦୁର୍ଭାବ; ଲାଗେ, ଏମାନଙ୍କୁ ଦେଖି ଖ୍ୱାଜାଙ୍କ ମୁଣ୍ଡ ଗ୍ଲାନିରେ ତଳକୁ ହେଇଯାଉଥିବ ! ହେଲେ, ପ୍ରାୟ ସମସ୍ତ ଧର୍ମପୀଠରେ ଏହି ସମସ୍ୟା। ମୂର୍ତ୍ତିପୂଜାର ବିରୋଧ କରୁଥିବା ଗୌତମ ବୁଦ୍ଧ ପର ସମୟରେ ନିଜେ ଏକ ମୂତର୍ତ୍ତିରେ ରୂପାନ୍ତରିତ ହେବାର ସମସ୍ୟା ! ଧର୍ମକୁ ନେଇ ରାଜନୀତି କରୁଥିବା ଲୋକେ ଧାର୍ମିକ-ସ୍ଥଳୀଗୁଡ଼ିକରେ ସଂସ୍କାର ପାଇଁ ସାମାନ୍ୟ ମୁଖର ହେଲେ କ'ଣ ସମସ୍ୟା ଆୟତ୍ତାଧୀନ ହୁଅନ୍ତା ନାହିଁ ?

# ଅଙ୍ଗାର ବେପାରର ଏପାଖ ସେପାଖ

## ଜିତଶତ୍ରୁ ମହାନ୍ତି

ପୃଥିବୀର ପରିବେଶବିତ୍, ବୁଦ୍ଧିଜୀବୀ, ରାଷ୍ଟ୍ରନେତା ଓ ସଚେତନ ନାଗରିକଙ୍କ ଲାଗି ଯାହା ସଂପ୍ରତି ଉଦ୍‌ବେଗର ବିଷୟ ହୋଇଛି, ତାହା ହେଲା ବାୟୁମଣ୍ଡଳରେ ଅଙ୍ଗାରକ ବା କାର୍ବନ ଓ ସବୁଜଗୃହ ଗ୍ୟାସର ପରିମାଣରେ ବୃଦ୍ଧି। ଏଥିରେ ନିୟନ୍ତ୍ରଣ ଆଣିବା ପାଇଁ ନାନାବିଧ ନୀତି, ଉପାୟ ଓ ନିଷ୍ପତି ଗ୍ରହଣ କରାଯାଉଛି, ଯହିଁରୁ ଗୋଟିଏ ହେଉଛି କାର୍ବନ ବ୍ୟବସାୟ ବା କାର୍ବନ ଟ୍ରେଡ଼ିଂ। ପ୍ରକାଶ ଥାଉ କି ୧୯୯୭ ମସିହାର କ୍ୟୋଟୋ ପ୍ରୋଟକଲରେ ଏହି ପରିକଳ୍ପନା ପ୍ରଥମେ ଗୃହୀତ ହୋଇଥିଲା ଏବଂ ୨୦୧୫ର ପ୍ୟାରିସ ରାଜିନାମାରେ ଏହାର ପରିବର୍ଦ୍ଧିତ ସ୍ୱରୂପ ପ୍ରକଟ ହୋଇଥିଲା, ଯାହା ସଂପ୍ରତି ସର୍ବସ୍ୱୀକୃତ ହୋଇପାରିଛି। ପ୍ୟାରିସ ରାଜିନାମାର ଧାରା-୬ରେ ବିଭିନ୍ନ ଦେଶ ଓ କମ୍ପାନିମାନଙ୍କ ସକାଶେ କାର୍ବନ ବଜାର ଜରିଆରେ ବାୟୁମଣ୍ଡଳରେ ଜମା କାର୍ବନର କିଣାବିକା ପାଇଁ ପ୍ରାବଧାନ ଅଛି। ଏହା ଅନୁସାରେ ରାଷ୍ଟ୍ରମାନେ ଦ୍ୱିପାକ୍ଷିକ କାରବାର କରିପାରିବେ। ସେମିତି ମିଳିତ ଜାତିସଂଘ ନିୟନ୍ତ୍ରିତ ଏକ କେନ୍ଦ୍ରୀୟ କାର୍ବନ ବଜାରରେ ଏହି ବେପାର କରାଯାଇପାରିବ। ବିଶ୍ୱର ପ୍ରାୟ ୮୩% ଦେଶ ଏହି ବ୍ୟବସ୍ଥା ପ୍ରତି ଆଗ୍ରହୀ ଥିବା ଜଣାଯାଏ। ଏହା ଏକ ଜଟିଳ ପ୍ରକ୍ରିୟା ହୋଇଥିଲେ ହେଁ ମୋଟାମୋଟି ନିମ୍ନୋକ୍ତ ପ୍ରକାରେ ସଂପାଦିତ ହୋଇଥାଏ। କାର୍ବନ କାରବାରର ମୂଳ ହେଲା କାର୍ବନ ପରମିଟ ବା ଅନୁମତି ପତ୍ର। ଏହି ବ୍ୟବସ୍ଥାରେ କୌଣସି ଦେଶ ତା'ର କଂପାନିଗୁଡ଼ିକୁ ନିର୍ଦ୍ଦିଷ୍ଟ ପରିମାଣର କାର୍ବନ ପରମିଟ ଦେଇଥାଏ। ସେହି ଆଧାରରେ କଂପାନି ସକାଶେ କାର୍ବନ ଉତ୍ସର୍ଜନର ସୀମା ନିର୍ଦ୍ଧାରଣ କରାଯାଇଥାଏ। ଯଦି କଂପାନିଟି ନିର୍ଦ୍ଦିଷ୍ଟ ସୀମାରୁ କମ୍ କାର୍ବନ ଉତ୍ସର୍ଜନ କରେ, ତେବେ ତା'ର କାର୍ବନ ପରମିଟ ବଳିପଡ଼େ, ଯାହାକୁ ସେ ଅନ୍ୟ କଂପାନିକୁ ବିକ୍ରୟ କରିଥାଏ। ଯେଉଁ କଂପାନିଗୁଡ଼ିକ ନିର୍ଦ୍ଧାରିତ ସୀମାରୁ ଅଧିକ କାର୍ବନ ଉତ୍ସର୍ଜନ କରି ପରମିଟ ସାରି ଦେଇଥାଆନ୍ତି, ସେମାନେ ଏହି ବଳି ପଡ଼ିଥିବା ପରମିଟ କିଣନ୍ତି। ତେବେ, ଏଭଳି କଂପାନି ବୃକ୍ଷ ରୋପଣ ବା ଅନ୍ୟାନ୍ୟ ପରିବେଶ ଅନୁକୂଳ କାର୍ଯ୍ୟ ବଳରେ ସାରି ଦେଇଥିବା ପରମିଟର ଭରଣା କରିପାରନ୍ତି। ପ୍ରକାଶ ଥାଉ କି ଗୋଟିଏ ପୂର୍ଣ୍ଣାଙ୍ଗ ଗଛ ବର୍ଷକୁ ପ୍ରାୟ ୨୨ କିଲୋଗ୍ରାମ ଅଙ୍ଗାରକାମ୍ଳ ଶୋଷଣ କରିଥାଏ। ଉଲ୍ଲେଖଯୋଗ୍ୟ ଯେ ଜମା କାର୍ବନର ଦରଦାମ ନିର୍ଦ୍ଧାରଣ ସୁବ୍ୟବସ୍ଥିତ ଓ ସୁନିର୍ଦ୍ଦିଷ୍ଟ ହୋଇ ନଥାଏ। ପୃଥିବୀର ବିଭିନ୍ନ ଭାଗରେ ଦରରେ ଘୋର ତାରତମ୍ୟ ଦେଖାଯାଇଥାଏ, ଯାହା ସର୍ବନିମ୍ନ ୫ରୁ ସର୍ବାଧିକ ୫୦୦ ଡଲାର ପର୍ଯ୍ୟନ୍ତ ହୋଇପାରେ। ଭାରତ ସରାକାର ୨୦୨୨ରେ ଶକ୍ତି ସଂରକ୍ଷଣ ସଂଶୋଧନ ବିଲ୍ ପାରିତ କରି ଉର୍ଜା, ଶିଳ୍ପ, କୃଷି, ବର୍ଜ୍ୟ ପରିଚାଳନା, ବୃକ୍ଷ ରୋପଣ ଓ ପରିବହନ କ୍ଷେତ୍ରର ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦେଇଛନ୍ତି। କାର୍ବନ କ୍ରେଡିଟ ଟ୍ରେଡିଙ୍ଗ ସ୍କିମ ପ୍ରଚଳନ କରିଛନ୍ତି। ତେବେ, କାର୍ବନ କାରବାରର ଉପକାରିତା ବଦଳରେ ଏବେ ଉପକାରିତା ଅଧିକ ଦେଖିବାକୁ ମିଳିଲାଣି। କାରଣ ଅନେକ କଂପାନି ଅଧିକ କାର୍ବନ ପରମିଟ କ୍ରୟ କରି କାର୍ବନ ନିର୍ଗମନ ରୋକିବା ଉପରେ ଧ୍ୟାନ ଦେଉ ନାହାନ୍ତି। ବିଶେଷ କରି ସମୃଦ୍ଧ ଦେଶ ଓ ବ୍ୟାବସାୟିକ ସଂସ୍ଥାଗୁଡ଼ିକ ଏଭଳି ଆଭିମୁଖ୍ୟ ପ୍ରଦର୍ଶନ କରୁଛନ୍ତି। ବର୍ତ୍ତମାନର ସ୍ଥିତି ହେଲା କାର୍ବନ ହ୍ରାସ କରିବା ବଦଳରେ ଅଧିକ କାର୍ବନ ଉତ୍ସର୍ଜନ କରି କ୍ଷତି ଭରଣା ଉପରେ ଗୁରୁତ୍ୱ ଦିଆଯାଉଛି। ଫଳରେ ପ୍ୟାରିସ୍ ରାଜିନାମା ସ୍ଥିରୀକୃତ ମୁଣ୍ଡପିଛା ବାର୍ଷିକ ନିର୍ଗମନ ୨.୩ ଟନ୍ ପରିବର୍ତେ ଏବେ ୪.୯ ଟନ୍‌ରେ ପହଚିଂଲାଣି। କାର୍ବନ କାରବାର ପଛରେ ରହିଛି ପରିବେଶକୁ ରକ୍ଷା କରିବାର ଉଦ୍ଦେଶ୍ୟ। ଏଣୁ ଏହା ଏକ ବ୍ୟବସାୟ ନୁହେଁ, ବରଂ ବିବେକର ଦାୟ। କିନ୍ତୁ ଦାୟିତ୍ୱହୀନତା ଏବଂ ସ୍ୱାର୍ଥପରତା କାରଣରୁ ଅନେକ ଦେଶ ଓ କଂପାନି ଏହାକୁ ଅଧିକ କାର୍ବନ ଉତ୍ସର୍ଜନ ଭଳି ପାପ ସକାଶେ ଗଙ୍ଗା ବୁଡ଼ ସୁଲଭ ପ୍ରାୟଶ୍ଚିତ୍ତ ବୋଲି ଧରି ନେଇ ପାପ କରିବାରେ ଲାଗି ରହିଛନ୍ତି। ଏହା ହେଉଛି ବିଡ଼ମ୍ବନା।

# ବଚିଂବାର ବ୍ୟାକୁଳତା ଏବଂ ଅହଂରୁ ସମର୍ପଣ : ଜୀବନର ଏକ ଗୂଢ଼ ରହସ୍ୟ

## ଶ୍ରୀ ଏ ଆର ଖାନ

ଜନ୍ମ ନେଇଥିଲୁ ମା' ବାପାଙ୍କ ସ୍ନେହଭରା କୋଳରେ, ହସଖେଳି ବଢ଼ିଥିଲୁ, ପାଠପଢ଼ା ସାରି ନିଜର ଏକ ସ୍ୱତନ୍ତ୍ର ପରିଚୟ ଓ କର୍ମସଂସ୍ଥାନ ଯୋଗାଡ଼ କରି ସ୍ଥିର ହୋଇଥିଲୁ। ଏଇଠୁ ଆରମ୍ଭ ହୋଇଯାଇଥିଲା ଜୀବନର ସବୁଠୁ ବଡ଼ ଭ୍ରମ—'ମୁଁ' ହିଁ ସବୁକିଛି, ମୋ ଛାଡ଼ା ଏ ସଂସାରରେ ଆଉ କେହି ନାହିଁ। ଏହି ଅହଂକାରର ଅଙ୍କୁରୋଦଗମ ସାଥେ ସାଥେ ଆରମ୍ଭ ହୋଇଯାଇଥିଲା ଜୀବନର ଅଦୃଶ୍ୟ ଶାରୀରିକ ଓ ମାନସିକ ପତନ। ସମୟର ଚକ୍ରରେ ଘରସଂସାର ଗଢ଼ିଉଠିଲା, କିନ୍ତୁ ଏହି 'ମୁଁ' ଏବଂ 'ମୋର' ସୀମା ଭିତରେ ଆମେ କ୍ରମଶଃ ହରାଇ ବସିଲୁ ଆମର ବାପା-ମା', ବନ୍ଧୁବାନ୍ଧବ, ସାଥୀ-ସହୋଦର ଏବଂ ପଡ଼ୋଶୀମାନଙ୍କୁ। ମନ ଭିତରେ ଚିଡ଼ିଚିଡ଼ାପଣ, ଈର୍ଷା, ଦ୍ୱେଷ ଏବଂ ଅହଂକାର ବସା ବାନ୍ଧିଲା। ଆଉ ଏହି ମାନସିକ ଅଶାନ୍ତିରୁ ଜନ୍ମ ନେଲେ ଅଦୃଶ୍ୟ ଶତ୍ରୁମାନେ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରଲ୍ ଆଦି, ଯେଉଁମାନେ ଧୀରେ ଧୀରେ ଶରୀର ଭିତରେ ନିଜର କାୟା ବିସ୍ତାର କରିଦେଲେ। ଏହା ଭିତରେ ପରିବାର ବଢ଼ିଲା, ଦାୟିତ୍ୱ ବଢ଼ିଲା। ହଠାତ୍ ଦିନେ ବିନା କାରଣରେ, ବିନା ପୂର୍ବସୂଚନାରେ ଅସମୟରେ ରୋଗର ଏକ ପ୍ରଚଣ୍ଡ ଆକ୍ରମଣ ଆମକୁ ଭାଙ୍ଗି ଦେଲା। ପ୍ରତିରକ୍ଷା ପାଇଁ ଆମେ ଧଇଁସଇଁ ହୋଇ ଦୌଡ଼ିଲୁ ଚିକିତ୍ସାଳୟର ବିଶେଷଜ୍ଞମାନଙ୍କ ପାଖକୁ। ବହୁ ଆବଶ୍ୟକ ଅନାବଶ୍ୟକ ପରୀକ୍ଷାନିରୀକ୍ଷା ପରେ ଆଜିର ଧନ୍ୱନ୍ତରୀ ମାନେ ଜଣାଇଲେ ଯେ ଆକ୍ରମଣକାରୀ କେବଳ ଜଣେ ନୁହେଁ, ବରଂ ଏକାସାଙ୍ଗେ ଅନେକ ତତ୍ତ୍ୱ ଆକ୍ରମଣ କରିଛନ୍ତି। ତୁରନ୍ତ ଚିକିତ୍ସା ଏବଂ ଶଲ୍ୟଚିକିତ୍ସା ଆବଶ୍ୟକ। ଭାଗ୍ୟବଶତଃ ପାଖରେ ଚିକିତ୍ସାବୀମା ଥିବାରୁ ବିନା ଦ୍ୱିଧାବିନା ବାଛବିଚାର ରେ ଶରୀରକୁ ସେମାନଙ୍କ ହାତରେ ସମର୍ପି ଦିଆଗଲା। ଦୀର୍ଘଦିନର ଚିକିତ୍ସା ଓ ନିରୀକ୍ଷଣ ପରେ ଯେତେବେଳେ ଘରକୁ ଫେରିଲୁ, ସେତେବେଳେ ବୀମାର ସମସ୍ତ ଅର୍ଥ ସରିଯାଇଥିଲା ଏବଂ କିଛି ସ୍ୱଜନଙ୍କ ସହାୟତାରେ ଜୀବନ ବଚିଂଥିଲା। ମାତ୍ର କିଛିଦିନ ପରେ ପୁନର୍ବାର ସେହି ରୋଗର ସଂକ୍ରମଣ ଆମକୁ ଶଯ୍ୟାଶାୟୀ କରିଦେଲା। ଆଉ ନିଜ ଗୋଡ଼ରେ ଚାଲିବୁଲି ହେଲା ନାହିଁ, ଅନ୍ୟମାନଙ୍କ ଅଧୀନ ହେବାକୁ ପଡ଼ିଲା । ଏତେ ପରିଶ୍ରମ, ଏତେ ଅର୍ଥ ବ୍ୟୟ ଏବଂ ଶାରୀରିକ ଯନ୍ତ୍ରଣା ପରେ ମଧ୍ୟ ଯଦି ପରାଧୀନ ହେବାକୁ ପଡ଼େ, ତେବେ ମନରେ ପ୍ରଶ୍ନ ଆସେ—ଓଃ, ଏ କ'ଣ ହେଲା ଆଜି ଶରୀରରେ ଦୁର୍ବଳତା, ମଳମୂତ୍ରର ଅସଂଯମତା ଏବଂ ଆଶ୍ରିତ ଅବସ୍ଥା ଦେଖି ନିଜର ପରିବାର ମଧ୍ୟ ବିରକ୍ତିଭାବ ପ୍ରଦର୍ଶନ କରୁଛନ୍ତି। ଲୋକଙ୍କ ଅବଜ୍ଞା ଓ ଘୃଣାର ଶିକାର ହେବାକୁ ପଡୁଛି। ତଥାପି... ମନର କୋଣରେ ଏକ ଅଜବ ତୀବ୍ର ଇଚ୍ଛା ଜାତ ହେଉଛି,ଆଉ କିଛି ବର୍ଷ ଏହି ଧରାଧାମରେ ବଚିଂ ରହିବା ପାଇଁ ! ଏତେ ଯନ୍ତ୍ରଣା, ଏତେ ଅପମାନ ପରେ ବି ବଚିଂବା ପାଇଁ ଏତେ ବ୍ୟାକୁଳତା କାହିଁକି ? ଏହି ପ୍ରଶ୍ନର ଉତ୍ତର ହୁଏତ ପ୍ରକୃତିର ନିୟମ ଏବଂ ଆତ୍ମାର ଚିରନ୍ତନ ବଚିଂବାର ଇଚ୍ଛା ଭିତରେ ଲୁଚି ରହିଛି। ଆଜି ଅନୁଭବ ହେଉଛି, ଯଦି ଜୀବନର ପ୍ରାରମ୍ଭରେ ନିଜ ଭିତରେ କେବଳ 'ମୁଁ' କୁ ନ ରଖି 'ଆମେ' ର ଭାବନାକୁ ସ୍ଥାନ ଦେଇଥା'ନ୍ତୁ ,ସମସ୍ତଙ୍କୁ ଆପଣେଇ ନେଇଥା'ନ୍ତୁ , ତେବେ ଆଜି ହୁଏତ ଏଭଳି ଦୁର୍ଦ୍ଦଶା ଦେଖିବାକୁ ପଡ଼ି ନଥା'ନ୍ତା। ତଥାପି, ଅତୀତର ଭୁଲ୍‌କୁ ଅନୁତାପ କରି ମଧ୍ୟ, ଏ ମନ କାହିଁକି ଜାଣି ପୁଣି ଅନାବଶ୍ୟକ ଭାବରେ ବଚିଂବାକୁ ଚାହେଁ !

**(ବରିଷ୍ଠ ସାମ୍ବାଦିକ ,କେନ୍ଦୁଝର )**

# ମଧୁମକ୍ଷୀ ଦଂଶନ

ଲାହିଡ଼ି କହିଥିବା ଭଳି ୦.୪ ଶତାଂଶ 'ଏମ୍‌ଡିଆର ହାର ନଗଣ୍ୟ ହୋଇପାରେ, କିନ୍ତୁ ଏହା ବହନ କରୁଥିବା ନିରୁତ୍ସାହ ସୃଷ୍ଟିକାରୀ ସନ୍ଦେଶ ନଗଣ୍ୟ ନୁହେଁ; ଏହା ଉଭୟ କ୍ରେତା ଓ ବିକ୍ରେତାଙ୍କୁ 'ୟୁପିଆଇ' ବ୍ୟବହାର ପ୍ରତି ବିମୁଖ କରି ସେମାନଙ୍କୁ ପୁଣି ନଗଦ ବା କ୍ୟାସ୍ ଭଳି ଅଦକ୍ଷ ମାଧ୍ୟମ ବ୍ୟବହାର କରିବାକୁ ପ୍ରବୃତ୍ତ କରିପାରେ। ଏପରି ଘଟିଲେ ଦେଶର କିଭଳି କ୍ଷତି ସାଧିତ ହେବ, ତାହା ଅନ୍ତତଃ ଲାହିଡ଼ିଙ୍କ ପରି ଅର୍ଥନୀତିଜ୍ଞମାନେ ନିଜର ରାଜନୈତିକ ଆନୁଗତ୍ୟକୁ ଅତିକ୍ରମ କରି ଭଲ ଭାବରେ ହୃଦୟଙ୍ଗମ କରିପାରୁଥିବେ। 'ନିତି ଆୟୋଗ'ର ଭାଇସ୍ ଚେଆରମ୍ୟାନ୍ ଅଶୋକ କୁମାର ଲାହିଡ଼ି 'ୟୁପିଆଇ' କାରବାର ପ୍ରତି ଏକ ସୀମିତ ମାହାସୁଲ ଲାଗୁ କରିବା ପାଇଁ ସରକାରଙ୍କର ନିଷ୍ପତି ସପକ୍ଷରେ ଯୁକ୍ତି କରିବାକୁ ଯାଇ ନିଜ ଅଜାଣତରେ ମହୁମାଛି ବସାରେ ହାତ ମାରିଦେଇଛନ୍ତି ବୋଲି ମନେହୁଏ। ଲାହିଡ଼ି ସରକାରଙ୍କର ଏଇ ପଦକ୍ଷେପକୁ ଏକ ତାତ୍ତ୍ୱିକ ଯଥାର୍ଥତା ପ୍ରଦାନ କରିବାକୁ ଯାଇ ଚାଣକ୍ୟଙ୍କର ପ୍ରସିଦ୍ଧ 'ମହୁମାଛି ଓ ଫୁଲ' ରୂପକଳ୍ପ ଉଦ୍ଧାର କରି କହିଛନ୍ତି ଯେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଅର୍ଥଶାସ୍ତ୍ର'ରେ ଏଇ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ବର୍ଣ୍ଣନା କରିଥିବା ଭଳି ଶାସକ ତାଙ୍କର ପ୍ରଜାମାନଙ୍କ ଠାରୁ ସେଇଭଳି କର ଆଦାୟ କରିବା ଉଚିତ ଯେଉଁଭଳି ମହୁମାଛି ଫୁଲରୁ ମହୁ ସଂଗ୍ରହ କରିଥାଏ- କୋମଳ ଭାବରେ, ଧୀରେ ଧୀରେ, ଫୁଲକୁ କୌଣସି ଆଘାତ ନ ଦେଇ, ପାଖୁଡ଼ାର କୌଣସି କ୍ଷତି ନ ଘଟାଇ। ସେ ଯୁକ୍ତି କରିଛନ୍ତି ଯେ ମୋଦୀ ସରକାର ବର୍ତମାନ ଦେଶରେ 'ୟୁପିଆଇ' କାରବାର ଉପରେ ଯେଉଁ ମାତ୍ର ୦.୪ ଶତାଂଶ ହାରରେ ଏକ ସୀମିତ 'ଏମ୍ ?ଡିଆର୍' ମାହାସୁଲ ଆଦାୟ କରାଯିବା ପାଇଁ ଘୋଷଣା କରିଛନ୍ତି, ତାହା ହେଉଛି ସରକାରଙ୍କ ଦ୍ୱାରା ଚାଣକ୍ୟଙ୍କ ମହୁମାଛିସୁଲଭ ଆଚରଣ ପ୍ରଦର୍ଶନ। ଲାହିଡ଼ିଙ୍କ ମତରେ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର କାରବାର ପାଇଁ ବ୍ୟବସାୟୀମାନଙ୍କ ଠାରୁ ଆଦାୟ ହେବାକୁ ଯାଉଥିବା ଏଇ ମାହାସୁଲ କାହାରି ପାଇଁ ଏକ ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରିବ ନାହିଁ, କିନ୍ତୁ ଅପରପକ୍ଷେ ତାହା 'ୟୁପିଆଇ' ବ୍ୟବସ୍ଥାକୁ ଦୀର୍ଘସ୍ଥାୟୀ ହେବାରେ ଓ ଆତ୍ମନିର୍ଭର ଭାବରେ କାର୍ଯ୍ୟ କରିବାରେ ସହାୟକ ହେବ। ଏଇ 'ଏମ୍‌ଡିଆର ମାହାସୁଲ ମାଧ୍ୟମରେ ସଂଗୃହୀତ ହେବାକୁ ଯାଉଥିବା ମହୁ 'ୟୁପିଆଇ'କୁ କାର୍ଯ୍ୟକ୍ଷମ କରିବାରେ ସକ୍ରିୟ ଭୂମିକା ନିର୍ବାହ କରୁଥିବା ସଂସ୍ଥାମାନଙ୍କ - ବ୍ୟାଙ୍କରୁ ଫିନ୍‌ଟେକ୍ କଂପାନିମାନଙ୍କ ପର୍ଯ୍ୟନ୍ତ - ପାଇଁ ଏକ ନିଶ୍ଚିତ ଆୟରେ ପରିଣତ ହେବ। ଏଇ ପରିପ୍ରେକ୍ଷୀରେ ଚାଣକ୍ୟଙ୍କ ମହୁମାଛି ରୂପକର ପ୍ରୟୋଗ ବେଶ୍ ଉପଯୋଗୀ ମନେ ହେଉଥିଲେ ହେଁ, ଅର୍ଥନୀତିର ଆଚରଣ ସମ୍ବନ୍ଧରେ ଧାରଣା କରିବା ପାଇଁ ମହୁମାଛିମାନଙ୍କୁ ଅଭିନେତା ରୂପେ ବ୍ୟବହାର କରିବାରେ ଚାଣକ୍ୟ ଏକମାତ୍ର ଅର୍ଥନୀତିଜ୍ଞ ନୁହନ୍ତି। ଆଉ ତାଙ୍କର ଦୁଇ ହଜାର ବର୍ଷରୁ ଅଧିକ କାଳ ପରେ ଜଣେ ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ମହୁମାଛିମାନଙ୍କର ଅର୍ଥନୈତିକ ଆଚରଣ ସମ୍ବନ୍ଧରେ ଯେଉଁ ଅନୁରୂପ ଭାବରେ ସୁପରିଚିତ ଚିତ୍ର ପ୍ରଦାନ କରିଥିଲେ, ତାହାକୁ ଯଦି ବର୍ତ୍ତମାନର ପ୍ରସଙ୍ଗ ପ୍ରତି ପ୍ରୟୋଗ କରାଯାଏ, ତେବେ ତାହା ଏକ ସଂପୂର୍ଣ୍ଣ ବିପରୀତ ଫଳ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବ, ଯାହା ଲାହିଡ଼ିଙ୍କ ପାଇଁ ଘୋର ଅସ୍ୱସ୍ତି ସୃଷ୍ଟି କରିବ। ସେ ହେଉଛନ୍ତି ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀର ଓଲନ୍ଦାଜ ଚିକିତ୍ସକ-ଦାର୍ଶନିକ-ଅର୍ଥନୀତିଜ୍ଞ ବର୍ନାଡ ମାଣ୍ଡେଭିଲ୍। ୧୭୧୪ରେ ପ୍ରଥମେ ପ୍ରକାଶିତ ତାଙ୍କର ରଚନା 'ଦି ଫେବ୍‌ଲ ଅଫ୍ ଦି ବିଜ୍' ('ମଧୁମକ୍ଷୀଙ୍କ କାହାଣୀ')ରେ ମାଣ୍ଡେଭିଲ୍ ଏକ ସମୃଦ୍ଧ ମହୁମାଛି ଦଳର କଳ୍ପନା କରିଥିଲେ, ଯେଉଁ ଦଳର ସଦସ୍ୟମାନେ ହେଉଛନ୍ତି ସ୍ୱାର୍ଥାନ୍ୱେଷୀ, ଉଚ୍ଚାଭିଳାଷୀ ଓ ଲୋଭୀ। ନୈତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଏହା ପ୍ରଶଂସନୀୟ ମନେ ନ ହୋଇପାରେ, କିନ୍ତୁ ସେମାନଙ୍କର ଏଇ ଚରିତ୍ର ସୃଷ୍ଟି କରୁଥିବା ଆତ୍ମବଡ଼ିମା, ଉପଭୋଗ, ପ୍ରତିଯୋଗିତା ଓ ଲାଭ-ଅନ୍ୱେଷଣ ଯୋଗୁଁ ଉତ୍ପାଦନ, ନିଯୁକ୍ତି, ବ୍ୟବସାୟ ବାଣିଜ୍ୟ ଆଦିରେ ଯେଉଁ ବୃଦ୍ଧି ଘଟିଥାଏ, ତାହା ସମଗ୍ର ଦଳ ପାଇଁ ସମୃଦ୍ଧି ଆଣିଦେଇଥାଏ। ଯେତେବେଳେ ସେଇ ଦଳଟି ହଠାତ୍ ଉଚ୍ଚ ନୈମଧୁମକ୍ଷୀ ଦଂଶନ ଲାହିଡ଼ି କହିଥିବା ଭଳି ୦.୪ ଶତାଂଶ 'ଏମ୍‌ଡିଆର ହାର ନଗଣ୍ୟ ହୋଇପାରେ, କିନ୍ତୁ ଏହା ବହନ କରୁଥିବା ନିରୁତ୍ସାହ ସୃଷ୍ଟିକାରୀ ସନ୍ଦେଶ ନଗଣ୍ୟ ନୁହେଁ; ଏହା ଉଭୟ କ୍ରେତା ଓ ବିକ୍ରେତାଙ୍କୁ 'ୟୁପିଆଇ' ବ୍ୟବହାର ପ୍ରତି ବିମୁଖ କରି ସେମାନଙ୍କୁ ପୁଣି ନଗଦ ବା କ୍ୟାସ୍ ଭଳି ଅଦକ୍ଷ ମାଧ୍ୟମ ବ୍ୟବହାର କରିବାକୁ ପ୍ରବୃତ୍ତ କରିପାରେ। ଏପରି ଘଟିଲେ ଦେଶର କିଭଳି କ୍ଷତି ସାଧିତ ହେବ, ତାହା ଅନ୍ତତଃ ଲାହିଡ଼ିଙ୍କ ପରି ଅର୍ଥନୀତିଜ୍ଞମାନେ ନିଜର ରାଜନେ ?ତିକ ଆନୁଗତ୍ୟକୁ ଅତିକ୍ରମ କରି ଭଲ ଭାବରେ ହୃଦୟଙ୍ଗମ କରିପାରୁଥିବେ। 'ନିତି ଆୟୋଗ'ର ଭାଇସ୍ ଚେଆରମ୍ୟାନ୍ ଅଶୋକ କୁମାର ଲାହିଡ଼ି 'ୟୁପିଆଇ' କାରବାର ପ୍ରତି ଏକ ସୀମିତ ମାହାସୁଲ ଲାଗୁ କରିବା ପାଇଁ ସରକାରଙ୍କର ନିଷ୍ପତି ସପକ୍ଷରେ ଯୁକ୍ତି କରିବାକୁ ଯାଇ ନିଜ ଅଜାଣତରେ ମହୁମାଛି ବସାରେ ହାତ ମାରିଦେଇଛନ୍ତି ବୋଲି ମନେହୁଏ। ଲାହିଡ଼ି ସରକାରଙ୍କର ଏଇ ପଦକ୍ଷେପକୁ ଏକ ତାତ୍ତ୍ୱିକ ଯଥାର୍ଥତା ପ୍ରଦାନ କରିବାକୁ ଯାଇ ଚାଣକ୍ୟଙ୍କର ପ୍ରସିଦ୍ଧ 'ମହୁମାଛି ଓ ଫୁଲ' ରୂପକଳ୍ପ ଉଦ୍ଧାର କରି କହିଛନ୍ତି ଯେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଅର୍ଥଶାସ୍ତ୍ର'ରେ ଏଇ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ବର୍ଣ୍ଣନା କରିଥିବା ଭଳି ଶାସକ ତାଙ୍କର ପ୍ରଜାମାନଙ୍କ ଠାରୁ ସେଇଭଳି କର ଆଦାୟ କରିବା ଉଚିତ ଯେଉଁଭଳି ମହୁମାଛି ଫୁଲରୁ ମହୁ ସଂଗ୍ରହ କରିଥାଏ- କୋମଳ ଭାବରେ, ଧୀରେ ଧୀରେ, ଫୁଲକୁ କୌଣସି ଆଘାତ ନ ଦେଇ, ପାଖୁଡ଼ାର କୌଣସି କ୍ଷତି ନ ଘଟାଇ। ସେ ଯୁକ୍ତି କରିଛନ୍ତି ଯେ ମୋଦୀ ସରକାର ବର୍ନମାନ ଦେଶରେ 'ୟୁପିଆଇ' କାରବାର ଉପରେ ଯେଉଁ ମାତ୍ର ୦.୪ ଶତାଂଶ ହାରରେ ଏକ ସୀମିତ 'ଏମ୍‌ଡିଆର ମାହାସୁଲ ଆଦାୟ କରାଯିବା ପାଇଁ ଘୋଷଣା କରିଛନ୍ତି, ତାହା ହେଉଛି ସରକାରଙ୍କ ଦ୍ୱାରା ଚାଣକ୍ୟଙ୍କ ମହୁମାଛିସୁଲଭ ଆଚରଣ ପ୍ରଦର୍ଶନ। ଲାହିଡ଼ିଙ୍କ ମତରେ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର କାରବାର ପାଇଁ ବ୍ୟବସାୟୀମାନଙ୍କ ଠାରୁ ଆଦାୟ ହେବାକୁ ଯାଉଥିବା ଏଇ ମାହାସୁଲ କାହାରି ପାଇଁ ଏକ ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରିବ ନାହିଁ, କିନ୍ତୁ ଅପରପକ୍ଷେ ତାହା 'ୟୁପିଆଇ' ବ୍ୟବସ୍ଥାକୁ ଦୀର୍ଘସ୍ଥାୟୀ ହେବାରେ ଓ ଆତ୍ମନିର୍ଭର ଭାବରେ କାର୍ଯ୍ୟ କରିବାରେ ସହାୟକ ହେବ। ଏଇ 'ଏମ୍‌ଡିଆର୍' ମାହାସୁଲ ମାଧ୍ୟମରେ ସଂଗୃହୀତ ହେବାକୁ ଯାଉଥିବା ମହୁ 'ୟୁପିଆଇ'କୁ କାର୍ଯ୍ୟକ୍ଷମ କରିବାରେ ସକ୍ରିୟ ଭୂମିକା ନିର୍ବାହ କରୁଥିବା ସଂସ୍ଥାମାନଙ୍କ - ବ୍ୟାଙ୍କରୁ ଫିନ୍‌ଟେକ୍ କଂପାନିମାନଙ୍କ ପର୍ଯ୍ୟନ୍ତ - ପାଇଁ ଏକ ନିଶ୍ଚିତ ଆୟରେ ପରିଣତ ହେବ। ଏଇ ପରିପ୍ରେକ୍ଷୀରେ ଚାଣକ୍ୟଙ୍କ ମହୁମାଛି ରୂପକର ପ୍ରୟୋଗ ବେଶ୍ ଉପଯୋଗୀ ମନେ ହେଉଥିଲେ ହେଁ, ଅର୍ଥନୀତିର ଆଚରଣ ସମ୍ବନ୍ଧରେ ଧାରଣା କରିବା ପାଇଁ ମହୁମାଛିମାନଙ୍କୁ ଅଭିନେତା ରୂପେ ବ୍ୟବହାର କରିବାରେ ଚାଣକ୍ୟ ଏକମାତ୍ର ଅର୍ଥନୀତିଜ୍ଞ ନୁହନ୍ତି। ଆଉ ତାଙ୍କର ଦୁଇ ହଜାର ବର୍ଷରୁ ଅଧିକ କାଳ ପରେ ଜଣେ ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ମହୁମାଛିମାନଙ୍କର ଅର୍ଥନୈତିକ ଆଚରଣ ସମ୍ବନ୍ଧରେ ଯେଉଁ ଅନୁରୂପ ଭାବରେ ସୁପରିଚିତ ଚିତ୍ର ପ୍ରଦାନ କରିଥିଲେ, ତାହାକୁ ଯଦି ବର୍ତମାନର ପ୍ରସଙ୍ଗ ପ୍ରତି ପ୍ରୟୋଗ କରାଯାଏ, ତେବେ ତାହା ଏକ ସଂପୂର୍ଣ୍ଣ ବିପରୀତ ଫଳ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବ, ଯାହା ଲାହିଡ଼ିଙ୍କ ପାଇଁ ଘୋର ଅସ୍ୱସ୍ତି ସୃଷ୍ଟି କରିବ। ସେ ହେଉଛନ୍ତି ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀର ଓଲନ୍ଦାଜ ଚିକିତ୍ସକ-ଦାର୍ଶନିକ-ଅର୍ଥନୀତିଜ୍ଞ ବର୍ନାଡ ମାଣ୍ଡେଭିଲ୍। ୧୭୧୪ରେ ପ୍ରଥମେ ପ୍ରକାଶିତ ତାଙ୍କର ରଚନା 'ଦି ଫେବ୍‌ଲ ଅଫ୍ ଦି ବିଜ୍' ('ମଧୁମକ୍ଷୀଙ୍କ କାହାଣୀ')ରେ ମାଣ୍ଡେଭିଲ୍ ଏକ ସମୃଦ୍ଧ ମହୁମାଛି ଦଳର କଳ୍ପନା କରିଥିଲେ, ଯେଉଁ ଦଳର ସଦସ୍ୟମାନେ ହେଉଛନ୍ତି ସ୍ୱାର୍ଥାନ୍ୱେଷୀ, ଉଚ୍ଚାଭିଳାଷୀ ଓ ଲୋଭୀ। ନେ ?ତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଏହା ପ୍ରଶଂସନୀୟ ମନେ ନ ହୋଇପାରେ, କିନ୍ତୁ ସେମାନଙ୍କର ଏଇ ଚରିତ୍ର ସୃଷ୍ଟି କରୁଥିବା ଆତ୍ମବଡ଼ିମା, ଉପଭୋଗ, ପ୍ରତିଯୋଗିତା ଓ ଲାଭ-ଅନ୍ୱେଷଣ ଯୋଗୁଁ ଉତ୍ପାଦନ, ନିଯୁକ୍ତି, ବ୍ୟବସାୟ ବାଣିଜ୍ୟ ଆଦିରେ ଯେଉଁ ବୃଦ୍ଧି ଘଟିଥାଏ, ତାହା ସମଗ୍ର ଦଳ ପାଇଁ ସମୃଦ୍ଧି ଆଣିଦେଇଥାଏ। ଯେତେବେଳେ ସେଇ ଦଳଟି ହଠାତ୍ ଉଚ୍ଚ ନୈତିକ ମୂଲ୍ୟବୋଧ ଦିଗରେ ଆକର୍ଷିତ ହୋଇ ଏଭଳି ଚରିତ୍ର ପରିତ୍ୟାଗ କରି କଠୋର ମିତବ୍ୟୟିତା ଅବଲମ୍ବନ କରେ, ସେତେବେଳେ ତା'ର ଫଳସ୍ୱରୂପ ସେଠାରେ ସାମଗ୍ରିକ ଚାହିଦାରେ ତୀକ୍ଷ୍ ?ଣ ସଂକୋଚନ ଘଟି ସେ ମହୁମାଛି ଦଳଟିର ସମଗ୍ର ଅର୍ଥନୀତି ଭୁଶୁଡ଼ି ପଡ଼େ; ଅତୀତର ସମୃଦ୍ଧ ଦଳଟି ଉତ୍କଟ ଦାରିଦ୍ର୍ୟ ଦ୍ୱାରା କବଳିତ ହୁଏ। ସେମାନେ ପୁଣି ପୂର୍ବର ଉପଭୋଗଭିନ୍ନିକ ଅର୍ଥନୈତିକ ଆଚରଣକୁ ଲେଉଟି ଆସିଲେ ହିଁ ସମୃଦ୍ଧି ଫେରି ଆସିବ। ଏବେ କଳ୍ପନା କରାଯାଉ ସେଇ ମାଣ୍ଡେଭିଲ୍‌ଙ୍କ ମହୁମାଛିମାନେ ବର୍ନମାନ ସେମାନେ ବ୍ୟବହାର କରୁଥିବା 'ୟୁପିଆଇ' ପ୍ରତି 'ଏମ୍‌ଡିଆର ପ୍ରୟୋଗର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ପ୍ରତିକ୍ରିୟା କ'ଣ ହେବ ? ଏହା ସେମାନଙ୍କ ଠାରେ ନିଶ୍ଚିତ ରୂପେ ତୀବ୍ର ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିବ। ସେମାନଙ୍କର ଦଳ ଏକ ସମୃଦ୍ଧ ଦଳରେ ପରିଣତ ହେବାର କାରଣ ହେଲା- ବାଣିଜ୍ୟ। ପରସ୍ପର ମଧ୍ୟରେ ପ୍ରତିଦିନ ସଂଘଟିତ ଅସଂଖ୍ୟ ଦେଣନେଣ କାରବାର ମାଧ୍ୟମରେ ବ୍ୟକ୍ତି-ସ୍ୱାର୍ଥ ରୂପାନ୍ତରିତ ହୋଇଯାଇଥାଏ ସମୂହ ସମୃଦ୍ଧିରେ। (ଅର୍ଥଶାସ୍ତ୍ରର ଜନକ ଆଡାମ୍ ସ୍ମିଥ୍ ଏହା ପ୍ରକାଶ କରିବାର ଛ' ଦଶନ୍ଧି ପୂର୍ବରୁ ମାଣ୍ଡେଭିଲ୍ ସମୃଦ୍ଧିର ଏହି ସୂତ୍ର ଆବିଷ୍କାର କରିସାରିଥିଲେ।) ମହୁମାଛିମାନଙ୍କୁ ଯାହା ବର୍ତମାନ କ୍ଷୁବ୍‌ଧ କରିବ, ତାହା ହେଲା ଯେଉଁ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଏଇ ଅସଂଖ୍ୟ କାରବାରଗୁଡ଼ିକୁ ସହଜ, ସରଳ, ସାବଲୀଳ କରି ଆସିଥିଲା ଓ ସାରା ପୃଥିବୀର ମହୁମାଛିମାନଙ୍କ ପାଇଁ ଏକ ଈର୍ଷଣୀୟ ଉଦାହରଣରେ ପରିଣତ ହୋଇଥିଲା, ସେଇ ବ୍ୟବସ୍ଥା ସମ୍ମୁଖରେ 'ଏମ୍‌ଡିଆର ମାହାସୁଲ ରୂପକ ଏକ ପ୍ରତିବନ୍ଧକ ଛିଡ଼ା କରି ଦିଆଯାଇଛି। ମନେ ରଖିବା କଥା ଲାହିଡ଼ି କିମ୍ବା ଚାଣକ୍ୟ ସୂଚାଇଥିବା ଭଳି ଭାରତରେ ସରକାର ସେଇ ମହୁମାଛି ନୁହନ୍ତି, ଏଠାରେ ମହୁମାଛି ହେଉଛନ୍ତି ଏ ଦେଶର ଅଗଣିତ ଖାଉଟି ଓ ବ୍ୟବସାୟୀମାନେ ଯେଉଁମାନଙ୍କ ପାଇଁ 'ୟୁପିଆଇ' ଅମ୍ଳଜାନ ସଦୃଶ ହୋଇଯାଇଛି। ନିମ୍ନୋକ୍ତ ସଂକ୍ଷିପ୍ତ ପରିସଂଖ୍ୟାନ ଏ ସମ୍ବନ୍ଧରେ ଏକ ବାସ୍ତବ ଧାରଣା ଆହରଣ କରିବାରେ ସହାୟକ ହେବ। କେବଳ ଗତ ମାସରେ ଭାରତରେ 'ୟୁପିଆଇ' ମାଧ୍ୟମରେ ୨,୪୫୦ କୋଟି ସଂଖ୍ୟକ ଦେଣନେଣ କାରବାର ସଂଘଟିତ ହୋଇଥିଲା, ଯାହା ଥିଲା ଦେଶରେ ସଂଘଟିତ ସମଗ୍ର କାରବାରର ୮୪ ଶତାଂଶ ଏବଂ ଯାହାର ମୋଟ ମୂଲ୍ୟ ଥିଲା ପ୍ରାୟ ୩୦ ଲକ୍ଷ କୋଟି ଟଙ୍କା। ଲାହିଡ଼ି ଓ ସରକାର ସଫେଇ ଦେଉଛନ୍ତି ଯେ 'ଏମ୍‌ଡିଆର ଲାଗୁ ହେବା ପରେ ଏଥିମଧ୍ୟରୁ ଅଧିକାଂଶ କାରବାର ତଥାପି ଦେୟମୁକ୍ତ ହୋଇ ରହିବ ଏବଂ ଏଇ ମାହାସୁଲ ହାର ମଧ୍ୟ ହେଉଛି ଏକ ଅତ୍ୟନ୍ତ ନୀଚା ୦.୪ ଶତାଂଶ ମାତ୍ର। କିନ୍ତୁ ସରକାରଙ୍କର ଏଇ ପଦକ୍ଷେପ ପରେ ଖାଉଟି ଓ ବ୍ୟବସାୟୀମାନଙ୍କର ମନସ୍ତତ୍ତ୍ୱ ଯେଉଁ ଏକ ଆପ୍ତବାକ୍ୟ ଦ୍ୱାରା ପ୍ରଭାବିତ ହେବ, ତାହା ହେଲା : 'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶଃ'। ସେମାନେ ଆଉ ସରକାରଙ୍କୁ ବିଶ୍ୱାସ ନ କରି ଏଣିକି ଆତଙ୍କିତ ଅବସ୍ଥାରେ ରହିବେ। ମାଣ୍ଡେଭିଲ୍‌ଙ୍କୁ ଯାହା ବିବ୍ରତ କରନ୍ତା, ତାହା ହେଲା ଏଥିଯୋଗୁଁ ତାଙ୍କ ମହୁମାଛିମାନଙ୍କର ଆଚରଣରେ ଯେଉଁ ପରିବର୍ତନ ଘଟିବାର ସମ୍ଭାବନା ଦେଖାଦେବ। 'ବିହେଭିଅରିଆଲ୍ ଇକୋନମିକ୍ସ' ('ଆଚରଣ ଅର୍ଥଶାସ୍ତ୍ର') ଅନୁସାରେ ମନୁଷ୍ୟର ଅର୍ଥନୈତିକ ଆଚରଣ ଅନେକାଂଶରେ ପ୍ରୋତ୍ସାହନ ବା ନିରୁତ୍ସାହନ ଦ୍ୱାରା ପ୍ରଭାବିତ ହୋଇଥାଏ। ଲାହିଡ଼ି କହିଥିବା ଭଳି ୦.୪ ଶତାଂଶ 'ଏମ୍‌ଡିଆର ହାର ନଗଣ୍ୟ ହୋଇପାରେ, କିନ୍ତୁ ଏହା ବହନ କରୁଥିବା ନିରୁତ୍ସାହ ସୃଷ୍ଟିକାରୀ ସନ୍ଦେଶ ନଗଣ୍ୟ ନୁହେଁ; ଏହା ଉଭୟ କ୍ରେତା ଓ ବିକ୍ରେତାଙ୍କୁ 'ୟୁପିଆଇ' ବ୍ୟବହାର ପ୍ରତି ବିମୁଖ କରି ସେମାନଙ୍କୁ ପୁଣି ନଗଦ ବା କ୍ୟାସ୍ ? ଭଳି ଅଦକ୍ଷ ମାଧ୍ୟମ ବ୍ୟବହାର କରିବାକୁ ପ୍ରବୃତ୍ତ କରିପାରେ। ଏପରି ଘଟିଲେ ଦେଶର କିଭଳି କ୍ଷତି ସାଧିତ ହେବ, ତାହା ଅନ୍ତତଃ ଲାହିଡ଼ିଙ୍କ ପରି ଅର୍ଥନୀତିଜ୍ଞମାନେ ନିଜର ରାଜନୈତିକ ଆନୁଗତ୍ୟକୁ ଅତିକ୍ରମ କରି ଭଲ ଭାବରେ ହୃଦୟଙ୍ଗମ କରିପାରୁଥିବେ। 'ୟୁପିଆଇ' ଭଳି ସାଧନରୁ ଉତ୍ପନ୍ନ ଲାଭ କେବଳ ତା'ର ତାତ୍ ?କାଳିକ ଉପଯୋଗିତାରେ ସୀମିତ ନୁହେଁ, ଏହା ହେଉଛି ସୁଦୂରପ୍ରସାରୀ। 'ଇକୋନମିକ୍ ସର୍ଭେ' ଅନୁସାରେ ଭାରତର 'ଜିଡିପି'ରେ 'ପ୍ରାଇଭେଟ୍ ଫାଇନାଲ୍ କନ୍‌ସମ୍ପସନ୍ ଏକ୍ସପେଣ୍ଡିଚର୍' ବା ଅନ୍ତିମ ଖାଉଟି ବ୍ୟୟର ଅଂଶ ହେଉଛି ଏକ ଉଚ୍ଚ ୬୧.୫ ଶତାଂଶ, ଯେଉଁଥିରେ 'ୟୁପିଆଇ'ର ବିଶେଷ ସହାୟକ ଭୂମିକା ଅନସ୍ୱୀକାର୍ଯ୍ୟ। ଯେଉଁ ୭.୮ ଶତାଂଶ ଅଭିବୃଦ୍ଧି ହାରକୁ ନେଇ ସରକାର ଏତେ ଗର୍ବ କରୁଛନ୍ତି, ତାହା 'ୟୁପିଆଇ'ର ଅନୁପସ୍ଥିତିରେ ସମ୍ଭବ ହୋଇ ନଥାନ୍ତା; 'ଜିଏସ୍‌ଟି' ରାଜସ୍ୱ ସଂଗ୍ରହରେ ଯେଉଁ ସଦ୍ୟତମ ୧୪.୮ ଶତାଂଶ ବୃଦ୍ଧି ଘଟିଛି, ତାହା ମଧ୍ୟ 'ୟୁପିଆଇ' ବିନା ସମ୍ଭବ ହୋଇ ନଥାନ୍ତା; ରିଜର୍ଭ ବ୍ୟାଙ୍କର ନୋଟ୍ ଛପାଇବା ବ୍ୟୟରେ ଯେଉଁ ଗୋଟିଏ ବର୍ଷରେ ପ୍ରାୟ ୧,୫୦୦ କୋଟି ଟଙ୍କାର ସଂଚୟ ଘଟିଛି, ତାହା ମଧ୍ୟ ହେଉଛି 'ୟୁପିଆଇ'ର ଅବଦାନ- ସଂପୂର୍ଣ୍ଣ ଭାବରେ। ଏହା ତେଣୁ ଏକ ଆତ୍ମଘାତୀ ବିଡ଼ମ୍ବନା ନୁହେଁ କି, ଅଗଣିତ ମାଗଣା ବଣ୍ଟନ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାର, 'ୟୁପିଆଇ'କୁ କିନ୍ତୁ ମାହାସୁଲ ଶିକୁଳିରେ ଛନ୍ଦିବାକୁ ଉଚିତ ମନେ କରିଛନ୍ତି ମାଣ୍ଡେଭିଲ୍‌ଙ୍କ ମହୁମାଛିମାନେ ଯଦି ଏହାଦ୍ୱାରା ଉତ୍କ୍ଷିପ୍ତ ହୋଇ ଦଂଶନ କରିବାକୁ ଆଗେଇ ଆସନ୍ତି, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।ତିକ ମୂଲ୍ୟବୋଧ ଦିଗରେ ଆକର୍ଷିତ ହୋଇ ଏଭଳି ଚରିତ୍ର ପରିତ୍ୟାଗ କରି କଠୋର ମିତବ୍ୟୟିତା ଅବଲମ୍ବନ କରେ, ସେତେବେଳେ ତା'ର ଫଳସ୍ୱରୂପ ସେଠାରେ ସାମଗ୍ରିକ ଚାହିଦାରେ ତୀକ୍ଷ୍ଣ ସଂକୋଚନ ଘଟି ସେ ମହୁମାଛି ଦଳଟିର ସମଗ୍ର ଅର୍ଥନୀତି ଭୁଶୁଡ଼ି ପଡ଼େ; ଅତୀତର ସମୃଦ୍ଧ ଦଳଟି ଉତ୍କଟ ଦାରିଦ୍ର୍ୟ ଦ୍ୱାରା କବଳିତ ହୁଏ। ସେମାନେ ପୁଣି ପୂର୍ବର ଉପଭୋଗଭିତିକ ଅର୍ଥନୈତିକ ଆଚରଣକୁ ଲେଉଟି ଆସିଲେ ହିଁ ସମୃଦ୍ଧି ଫେରି ଆସିବ। ଏବେ କଳ୍ପନା କରାଯାଉ ସେଇ ମାଣ୍ଡେଭିଲ୍‌ଙ୍କ ମହୁମାଛିମାନେ ବର୍ତମାନ ସେମାନେ ବ୍ୟବହାର କରୁଥିବା 'ୟୁପିଆଇ' ପ୍ରତି 'ଏମ୍‌ଡିଆର ପ୍ରୟୋଗର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ପ୍ରତିକ୍ରିୟା କ'ଣ ହେବ ? ଏହା ସେମାନଙ୍କ ଠାରେ ନିଶ୍ଚିତ ରୂପେ ତୀବ୍ର ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିବ। ସେମାନଙ୍କର ଦଳ ଏକ ସମୃଦ୍ଧ ଦଳରେ ପରିଣତ ହେବାର କାରଣ ହେଲା- ବାଣିଜ୍ୟ। ପରସ୍ପର ମଧ୍ୟରେ ପ୍ରତିଦିନ ସଂଘଟିତ ଅସଂଖ୍ୟ ଦେଣନେଣ କାରବାର ମାଧ୍ୟମରେ ବ୍ୟକ୍ତି-ସ୍ୱାର୍ଥ ରୂପାନ୍ତରିତ ହୋଇଯାଇଥାଏ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







# ଟ୍ରକ୍‌କୁ ପିଟିଲା ଦୁଲ୍‌ଦୁଲି ଡିଜେ ଗାଡ଼ି ; ୧ ମୃତ, ୯ ଆହତ

ସମ୍ବଲପୁର,୨୪/୯(ନି/ପ୍ର):ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ଏନ୍‌ଏଚ୍ ୫୩ ବାଇପାସ୍ ଛକ ନିକଟରେ ମଙ୍ଗଳବାର ଭୋର୍ ୫ଟା ବେଳେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଓଡି ୦୯ ଏମ୍ ୯୦୬୮ ନମ୍ବରର ଟ୍ରକ୍ ପଛପଟୁ ଦ୍ରୁତଗାମୀ ଓଡି ୧୭ ଏଇ ୮୧୫୩ ନମ୍ବରର ଦୁଲ୍‌ଦୁଲି ଡିଜେ ଗାଡ଼ି ଧକ୍କା ଦେଇଥିଲା । ଫଳରେ ଡିଜେ ଗାଡ଼ିର ଜଣେ ବାଦ୍ୟ କଳାକାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇ ରାସ୍ତାରେ ଛିଟିକି ପଡ଼ିଥିଲେ । ମୃତ ବାଦ୍ୟ କଳାକାରଙ୍କ ପରିଚୟ ଅନୁସନ୍ଧାନରୁ ଜଣାପଡିଛି ଯେ' ସେ ବରଗଡ଼ ଅଂଚଳର ଓ ତାଙ୍କ ନାମ ଅଭି ସାମନି । ଦୁର୍ଘଟଣା ଖବର ପାଇବା ପରେ ତୁରନ୍ତ ଜମନକିରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଓ ଘଟଣାର ତଦନ୍ତ କରିଥିଲା । ପୋଲିସ ସୂଚନା ମୁତାବକ, ଓଡି ୧୭ ଏଇ ୮୧୫୩ ନମ୍ବର ଦୁଲ୍‌ଦୁଲି ଡିଜେ ଗାଡ଼ିରେ ପ୍ରାୟ ୧୦ ଜଣ ବାଦ୍ୟ କଳାକାର କେନ୍ଦୁଝରରୁ ସମ୍ବଲପୁର ଅଭିମୁଖେ ଫେରୁଥିଲେ । ଜମନକିରା ବାଇପାସ୍ ଛକ ରାସ୍ତା ପାର୍ଶ୍ୱରେ ପାର୍କିଂ କରିଥିବା ଓଡି ୦୯ ଏମ୍ ୯୦୬୮ ନମ୍ବର ଟ୍ରକ୍ ଟି ପାର୍କିଂର କୌଣସି ସଙ୍କେତ ଦେଇନଥିଲା । ଯାହାଫଳରେ ଦୃତ ଗତିରେ ସମ୍ବଲପୁର ଅଭିମୁଖେ ଫେରୁଥିବା ଡିଜେ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛରେ ଧକ୍କା ଦେଇଥିଲା । ଏହି ଧକ୍କାରେ ଡିଜେ ଗାଡ଼ିର ପଛ ଓ ସମ୍ମୁଖ ଭାଗ ଗୁରୁତର କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ସ୍ଥାନୀୟ ଅଂଚଳରେ ଅଜଣା ଆତଙ୍କ ସୃଷ୍ଟି କରିଥିଲା । ଖବର ପାଇ ଜମନକିରା ଥାନା ପୋଲିସ ଓ ସ୍ଥାନୀୟ ଲୋକେ ପହଂଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଥିଲେ । ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବରଗଡର ଅଭି ସାମନିଙ୍କୁ ପୋଲିସ କୁଚିଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଗୁରୁତର ଥିବା ୩ ଜଣଙ୍କୁ ବୁର୍ଲା ଭିମସାର ଓ ଅନ୍ୟ ଆହତ ମାନଙ୍କୁ ଜମନକିରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା । ଏସମ୍ପର୍କରେ ଜମନକିରା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ସରଜମିନ ତଦନ୍ତ ଜାରି ରଖିଛି ।

# ସଂକୀର୍ତ୍ତନ ଲୋକକଳା ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ସମ୍ବଲପୁର,୨୪/୯(ନି/ପ୍ର): ସଂକୀର୍ତ୍ତନ ଲୋକକଳା ମହାସଂଘ, ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଜରିଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଏକ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସଂକୀର୍ତ୍ତନ କଳାକାର ମାନଙ୍କର ବ୍ଲକ୍ କମିଟି ତଥା ଆମ କଳାକାର ସଂଗଠନ ରେ ପଞ୍ଜୀକରଣ କରାଯିବା, ନିର୍ଦ୍ଧାରିତ ବୟସ ସୀମାକୁ ଉଠାଇ ଦିଆଯିବା, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ନୂତନ ଭାବେ ଏକ ଲକ୍ଷ କଳାକାରଙ୍କୁ ସହାୟତା ପ୍ରଦାନ କରା କରାଯିବା, ଆମ କଳାକାର ରେ ସାମିଲ ହୋଇଥିବା ଦଳମାନ ଲମାନଙ୍କ ପାରିତୋଷିକ ବୃଦ୍ଧି କରାଯିବା, ପଞ୍ଜୀକୃତ ସମସ୍ତ କଳାକାରଙ୍କ ଜୀବନବୀମା ସହିତ ସ୍ୱାସ୍ଥ୍ୟବୀମା କରାଯିବା, ସମସ୍ତ ପରିଚୟପତ୍ର ପ୍ରଦାନ କରାଯିବା ଆଦି ଦାବି ଉଲ୍ଲେଖ ରହିଛି । ଜିଲ୍ଲା ସଭାପତି ମହାବୀର ସିଂହଦେଓ, ଜିଲ୍ଲା ସମ୍ପାଦକ ପ୍ରୀତିମଞ୍ଜରୀ ପ୍ରଧାନ, ସମ୍ପାଦକ ମାମିନା ସାହୁ, ରାଜ୍ୟ ଉପସଭାପତି ଗିରିଧାରୀ ବିଶ୍ୱାଳ, ରେଢ଼ାଖୋଲ ବ୍ଲକ୍ ସଭାପତି ଶରତ ସାହୁ, ନାକଟିଦେଉଳ ବ୍ଲକ୍ ସଭାପତି ଶରତ ସାହୁ, ମାନେଶ୍ୱର ବ୍ଲକ୍ ସଭାପତି ଶ୍ରୀଧର ଭୋଇ, ଝୁଝୁମୁରା ବ୍ଲକ୍ ସଭାପତି ବିଶ୍ୱାମିତ୍ର ଝିଙ୍ଗଲଙ୍କ ସହ ବିନୋଦ ପୁଲେଇ, ଅକ୍ଷୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ଅଚ୍ୟୁତ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ୧୦ମ ଆୟୁର୍ବେଦ ଦିବସ : ୨ବର୍ଷରେ ୪୦୦କୋଟି ଟଙ୍କାର ୫୭୭ ଆୟୁଷ ପ୍ରକଳ୍ପ



ଭୁବନେଶ୍ୱର,୨୪/୯(ନି/ପ୍ର): ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ୫୭୭ରୁ ଅଧିକ ଆୟୁଷ ପ୍ରକଳ୍ପ ଅନୁମୋଦିତ ହୋଇଛି । ମୟୂରଭଞ୍ଜର ରାଇରଙ୍ଗପୁରଠାରେ ୮୫.୭୮ କୋଟି ଟଙ୍କା ବ୍ୟୟରେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଏହି ପ୍ରୟାସର ଏକ ପ୍ରମୁଖ ପଦକ୍ଷେପ ବୋଲି ଆଜି ୧୧ତମ ଆୟୁର୍ବେଦ ଦିବସ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ସ୍ଥିତ ସରକାରୀ ଆୟୁର୍ବେଦିକ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲ ଏବଂ ଜଟଣୀରେ ୧୦୦ ଶଯ୍ୟା ବିଶିଷ୍ଟ ନେଚୁରୋପାଥି ହସ୍ପିଟାଲ ଭୂମିପୂଜନ ହୋଇସାରିଛି । ରାୟଗଡ଼ା, ଗଜପତି ଓ ମାଲକାନଗିରିରେ ୩ଟି ନୂତନ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ନୂଆପଡ଼ା ଓ ନୟାଗଡ଼ରେ ୨ଟି ସରକାରୀ ହୋମିଓପାଥିକ ମେଡିକାଲ କଲେଜ ସ୍ଥାପନ ପାଇଁ ୨୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି । ଆୟୁଷ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ସମସ୍ତ ସରକାରୀ ଆୟୁଷ ମେଡ଼ିକାଲ କଲେଜ ଏବଂ ୧୧୯୧ଟି ଆୟୁଷ ଔଷଧାଳୟରେ ହାଉସକିପିଂ, ପରିଚ୍ଛନ୍ନତା, ସୁରକ୍ଷା ଓ ଲିନେନ୍ ବ୍ୟବସ୍ଥା ସୁଦୃଢ଼ କରାଯାଇଛି । ସରକାରୀ ଆୟୁର୍ବେଦ ଓ ହୋମିଓପାଥିକ ହସ୍ପିଟାଲରେ ୧୬ ପ୍ରକାରର ମାଗଣା ପାଥୋଲୋଜି ପରୀକ୍ଷା ଏବଂ ଆବଶ୍ୟକ ଆୟୁଷ ଔଷଧର ନିରବଚ୍ଛିନ୍ନ ଯୋଗାଣ ପାଇଁ ୨୧.୪୭ କୋଟି ଟଙ୍କା ବ୍ୟୟ କରାଯାଉଛି । କିଛି ଜିଲ୍ଲାରେ ପଂଚକର୍ମ ସୁବିଧା ଆରମ୍ଭ ହୋଇଥିବା ବେଳେ ଇ-ସଞ୍ଜୀବନୀ ମେଡ଼ିସିନ ସେବା ମାଧ୍ୟମରେ ୫୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶେଷଜ୍ଞ ପରାମର୍ଶ ଯୋଗାଇ ଦିଆଯାଉଛି । ଏହା ସହ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ସୁଦୃଢ଼ କରାଯାଇଛି । ଆୟୁଷ ଶିକ୍ଷା ଓ ମାନବ ସମ୍ବଳ ବିକାଶ ଦିଗରେ ମଧ୍ୟ ଷ୍ଟାଇପେଣ୍ଡ ଓ ଅଧ୍ୟାପକଙ୍କ ପାରିଶ୍ରମିକ ବୃଦ୍ଧି, ୪ ହଜାରରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତରଙ୍କ ପାରିଶ୍ରମିକ ବୃଦ୍ଧି ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ଭଳି ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଖାରବେଳ ଭବନ, ଲୋକସେବା ଭବନ ଏବଂ ବିଧାନସଭା ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି ।

# ହୀରାକୁଦରେ ଭାରତ ବିକାଶ ପରିଷଦ ପକ୍ଷରୁ ପ୍ରତିଯୋଗୀତା

ସମ୍ବଲପୁର,୨୪/୯(ନି/ପ୍ର): ଭାରତ ବିକାଶ ପରିଷଦ, ହୀରାକୁଦ ଶାଖା ତରଫରୁ ଆୟୋଜିତ ଭାରତ କୁ ଜାଣନ୍ତୁ ଓ ଜାତୀୟ ବୃନ୍ଦଗାନ ଲିଖିତ ପ୍ରତିଯୋଗିତା ରେ ବିଭିନ୍ନ ସ୍କୁଲ ର ୧୧୮୦ ଜଣ ରୁ ୧୬ ଜଣ ଶାଖା ସ୍ତରୀୟ ୨୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ମୁଖ୍ୟ ଅତିଥି, ହିଣ୍ଡାଲକୋ ର ସିଏସଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଓ ପର୍ଯ୍ୟବେକ୍ଷକ, ଡ. ନରେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ସଭ୍ୟ, ବିରେନ୍ଦ୍ର ପାଣିଗ୍ରାହୀ ପରିଚାଳନା କ୍ରମେ ହୀରାକୁଦ ଶାଖା ସଂଯୋଜକ ସରୋଜ କୁମାର ଆଚାର୍ଯ୍ୟ ପରିଷଦ ର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କ ରେ ସୂଚନା ଦେଇଥିଲେ । ଡ଼.ନରେନ୍ଦ୍ର ବେହେରା ଭାରତୀୟ ସଂସ୍କୃତି ଓ ପରମ୍ପରାର ବିକାଶ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଦିବାକର ମହାନନ୍ଦ, ରେଣ୍ଟା ଶ୍ରୀକୁମାର ପ୍ରତିଯୋଗୀତା ର ମୂଲ୍ୟାଙ୍କନ କରିଥିବା ବେଳେ ବ୍ରହ୍ମାନନ୍ଦ ସାହୁ ଫଳାଫଳ ଘୋଷଣି କରିଥିଲେ । ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରାନ୍ତ ସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବା ପାଇଁ ଉତ୍ସାହିତ କରାଯାଇଥିଲା । ଶାଖାର ସମ୍ପାଦକ ହିମାଂଶୁ ହୋତା, କୋଷାଧକ୍ଷ ଅନୁପ ସାହୁ, ମହିଳା ସହଭାଗିତା ପ୍ରମୁଖ ଶୁଭଶ୍ରୀ ପୃଷ୍ଟି, ସେବା ପ୍ରମୁଖ ମନୋହର ସିଂହ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ହୀରାକୁଦର ଅନେକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ଼.ନରେନ୍ଦ୍ର ବେହେରା ଭାରତୀୟ ସଂସ୍କୃତି ଓ ପରମ୍ପରାର ବିକାଶ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ ।

# କଲଆପଦର ଗ୍ରାମରେ ପାରମ୍ପରିକ ଗୁରୁଣ୍ଡି ଯାତ୍ରା
## ଗ୍ରାମବାସୀଙ୍କ ସହ ଛୋଟ ପିଲାଙ୍କ ଉତ୍ସାହଜନକ ସାମିଲ



ରାଇଘର,୨୪/୯(ନି/ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ କୁରାବେଡା ପଚାଂୟତ ଅଧୀନସ୍ଥ 'କଲିଆ ପଦର ଗ୍ରାମ' (କଲଆପଦର) ରେ ଆଜି ନୂଆଁଖାଇ ପରଦିନ ପାରମ୍ପରିକ ରୀତିନୀତି ଓ ଧାର୍ମିକ ବିଶ୍ୱାସ ଅନୁଯାୟୀ ପ୍ରସିଦ୍ଧ 'ଗୁରୁଣ୍ଡି ଯାତ୍ରା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ପାରମ୍ପରିକ ଯାତ୍ରାରେ ଗ୍ରାମର ବହୁ ସଂଖ୍ୟକ ଲୋକଙ୍କ ସହ ଛୋଟ ଛୋଟ ପିଲାଛୁଆମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ । ଗ୍ରାମବାସୀଙ୍କ କହିବାନୁଯାୟୀ, ପିଢ଼ି ପରେ ପିଢ଼ି ଧରି ଚାଲିଆସୁଥିବା ଏହି ପରମ୍ପରାର ନିଜସ୍ୱ ସ୍ୱତନ୍ତ୍ର ମାନ୍ୟତା ଓ ଆସ୍ଥା ରହିଛି । ଗ୍ରାମରୁ ମଲେରିଆ ଜ୍ୱର, କୁଣ୍ଡିଆ ଭଳି ବହୁ ପ୍ରକାର ସଂକ୍ରାମକ ରୋଗବ୍ୟାଧି ଓ ଅସୁବିଧାରୁ ମୁକ୍ତି ପାଇବା ସହ ସମସ୍ତ ଗ୍ରାମବାସୀଙ୍କ ସୁଖ, ଶାନ୍ତି ଓ ମଙ୍ଗଳ କାମନା କରି ଏହି ଯାତ୍ରା ପ୍ରତିବର୍ଷ ପାଳନ କରାଯାଏ ।ପାରମ୍ପରିକ ରୀତିନୀତି ଅନୁସାରେ ଗ୍ରାମବାସୀମାନେ ଗୁରୁଞ୍ଜି/ଗୁରୁଣ୍ଡିଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ସମ୍ମାନ ଜଣାଇବା ସହ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିଲେ । ଯାତ୍ରା ସମୟରେ ସମ୍ପୂର୍ଣ୍ଣ ଗ୍ରାମରେ ଏକ ଆନନ୍ଦମୁଖର, ପବିତ୍ର ଓ ଉତ୍ସବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା ।ଏହି ପାରମ୍ପରିକ ଲୋକପର୍ବ ଓ ରୀତିନୀତିକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ବଚାଂଇ ରଖିବା ସହ ଗ୍ରାମର ସାମୂହିକ ଏକତା, ଭାଇଚାରା ଓ ସାଂସ୍କୃତିକ ପରିଚୟକୁ ମଜବୁତ କରିବାରେ ଏଭଳି ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି ।

# ଧାମରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ

ଭଦ୍ରକ,୨୪/୯(ନି/ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ୮ ପଂଚାୟତରେ ୮୦ହଜାରରୁ ଅଧିକ ଲୋକ ବାସ କରୁଛନ୍ତି । ଧାମରାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହି ଲୋକ ମାନେ ସାଧାରଣ ଚିକିତ୍ସା ସୁବିଧା ପାଇଁ ନିର୍ଭର କରି ଆସୁଛନ୍ତି । ମାତ୍ର ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ସକାଳ ସକାଳ୧୦ଟାରୁ ଅପରାହ୍ନ ୧ ଏବଂ ପରେ ଅପରାହ୍ନ୪ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିଥାଏ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଧାମରା ବନ୍ଦରର ହଜାର ହଜାର କର୍ମଚାରୀ ମାନେ ନିର୍ଭର କରି ଆସୁଛନ୍ତି ମାତ୍ର ଦୁଃଖ ଏବଂ ଅନୁଶୋଚନା ର ବିଷୟ ଏହିକିଯେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଏମବିବିଏସ ଡାକ୍ତର ନିଯୁକ୍ତି ପାଇ ପାରିନାହାନ୍ତି ଏଥିସହ ବିଭିନ୍ନ ସମୟରେ ବହୁ ଦୁର୍ଘଟଣାରେ ସମ୍ମୁଖୀନ ହେଉଥିବା ରୋଗୀ ଏବଂ ପ୍ରସୂତୀ ମାନଙ୍କୁ ଏଠାରୁ ୫୦କି.ମି ଦୂର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ମଧ୍ୟ ପଡୁଛି ଫଳରେ ବହୁ ସମୟରେ ଏହି ରୋଗୀ ମୃତ୍ୟୁ ମୁଖରେ ମଧ୍ୟ ପଡୁଛନ୍ତି । ଏହାର ନିରାକରଣ ପାଇ ଧାମରା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନୂତନ) କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ସହ ନୂତନ ଭାବେ ୨ଜଣ ଏମବିବିଏସ ଡାକ୍ତର, ପରିଚାଳକ ଏବଂ ଅନ୍ୟାନ୍ୟ ଫାଙ୍କା ପଡିଥିବା ପଦବୀ ଗୁଡିକ ପୂରଣ ପାଇଁ ଧାମରାଇ ମଣ୍ଡଳର ସଭାପତି ତ୍ରିଦିବେଶ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏଥିସହ ଏହି ଦାବୀପତ୍ରର ଅବିକଳ ନକଲ ରାଜ୍ୟ ବିଜେପି ସଭାପତି, ସ୍ୱାସ୍ଥ୍ୟ ଶଚିବ , ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଭଦ୍ରକ ସାଂସଦଙ୍କ ଅବଗତି ନିମନ୍ତେ ପ୍ରଦାନ କରିଛନ୍ତି । ତୁରନ୍ତ ଏହି ସେବା ଯୋଗାଇ ଦିଆଗଲେ ଅକାଳରେ ମୃତ୍ୟୁ ବରଣ କରୁଥିବା ରୋଗୀଙ୍କ ମୁଲ୍ୟବାନ ଜୀବନ ବଂଚି ଯାଇ ପାରନ୍ତା ବୋଲି ଅଂଚଳବାସୀ ଦାବୀ ଜଣାଇଛନ୍ତି ।

# ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୪/୯(ନି/ପ୍ର): ଜାତୀୟ ଏଡସ୍ ନିୟନ୍ତ୍ରଣ ଅନୁଷ୍ଠାନଙ୍କ ଆକଳନ ଅନୁଯାୟୀ ଏଚ୍.ଆଇ.ଭି. ସଂକ୍ରମଣକୁ କମାଇବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢାଇବାର ଆବଶ୍ୟକତା ରହିଛି । ଏଥିପାଇଁ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଇନଟେନ୍ସିଫାଏଡ ଆଇ.ସି./ ବିସି.ସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ର ଉପାୟ ବିଷୟରେ ସୂଚନା ପହଂଚାଇବ । ଏହି ପରିପ୍ରେକ୍ଷୀରେ ଓଡିଶା ରାଜ୍ୟ ଏ.ଡ୍.ସ୍. ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ', କନ୍ଧମାଳଙ୍କ ମିଳିତ ସହଯୋଗରେ ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଂଚାଯାଇ ପାରିବ ଏବଂ ଏଚ୍.ଆଇ.ଭି. ସଂକ୍ରମଣକୁ ରୋକାଯାଇ ପାରିବ । କାର୍ଯ୍ୟକ୍ରମରେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍କ୍ରମଣକୁ ରୋକିବାକୁ ହେଲେ ଜନ ସଚେତନତା ସହିତ ସଂଯମୀ ଜୀବନଯାପନ ଆବଶ୍ୟକ ବୋଲି କହିଥିଲେ । ତତ୍ସହିତ କିଶୋରି ଗର୍ଭଧାରଣର କୁପରିଣତିକୁ ଉପସ୍ଥାପନା କରି ଏଥିରୁ ନିବୃତ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ଅତିଥିଭାବେ ଉପ-ଜିଲ୍ଲା ପୋଲିସ ଅଧିକାରି ଶୁଭମ୍ ଭୋସଲେ କାର୍ଯ୍ୟକ୍ରମରେ ଯୋଗଦେଇ ପକ୍ସୋ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ସଂପାଦକ ହରିଶଙ୍କର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ବାଲ୍ୟବିବାହର କୁପରିଣତି ଓ ସେଥିରେ ଥିବା ଦଣ୍ଡବିଧାନ ଉପରେ ଆଲୋଚନା କରିଥିଲେ । ଆଦିବାସୀ ମହାବିଦ୍ୟାଳୟର ଅଧକ୍ଷ ଡାକ୍ତର ବିଭୁତିଭୂଷଣ ଆଚାର୍ଯ୍ୟ ଉପସ୍ଥିତ ରହି ପୋସ୍ ଆଇନ୍ ବିଷୟରେ ଉପସ୍ଥାପନା କରିବା ସହିତ ନିଜ ବିଦ୍ୟାଳୟରେ ମଧ ଆଭ୍ୟନ୍ତରିଣ ଅଭିଯୋଗ କମିଟି ଗଠନ ହୋଇଥିବା କଥା ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ବାରଖମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁସ ମେଡିକାଲ ଅଧିକାରି ଡାକ୍ତର କୁନାଲ ଚନ୍ଦ୍ର ରଣସଣ୍ଟ, ସମନ୍ୱିତ ରକ୍ତ ପରିକ୍ଷା କେନ୍ଦ୍ରର ପରାମର୍ଶ ଦାତା ଗିତାଞ୍ଜଳୀ ପଣ୍ଡା ଓ ବାଲିଗୁଡା ବ୍ଲକ୍‌ର ଅତିରିକ୍ତ ଗୋଷ୍ଠିଉନ୍ନୟନ ଅଧିକାରି ଉପସ୍ଥିତ ରହି ସଂକ୍ରମଣର ବିଭିନ୍ନ ମାଧ୍ୟମ ଏବଂ ତା'ର ସତର୍କତା ବିଷୟରେ ଜଣାଇବା ସହ ଯୌନ ସଂକ୍ରମଣ, ରୋଗର କାରଣ ଓ ନିରାକରଣର ଉପାୟ ଗୁଡିକୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ପ୍ରକଳ୍ପ ତରଫରୁ ବିଶ୍ୱରଞ୍ଜନ କର ଅତିଥି ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ତରଫରୁ ସ୍ନେହଲତା ନାୟକ, ସୀତା ରଣା ଓ ଜଳିତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରେଡରିବନ୍ କ୍ଲବ୍ ଓ ଯୁବ ରେଡକ୍ରସରେ କାର୍ଯ୍ୟରତ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେବା ସହିତ ବାଲ୍ୟବିବାହ, ନିଶା ନିବାରଣ ଓ ଏଚ୍.ଆଇ.ଭି. ସଂକ୍ରମଣ ରୋକିବା ନେଇ ଏକ ଶପଥ ପାଠ କରାଯାଇଥିଲା ।

# ନୂଆଁଖାଇ ଜୁହାର ଭେଟ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଓ ପୂଜନ



ସମ୍ବଲପୁର,୨୪/୯(ନି/ପ୍ର): ରେଙ୍ଗାଲିରେ ନୂଆଖାଇ ଜୁହାର ଭେଟ ପାଳନ ପାଇଁ କମିଟି ପକ୍ଷରୁ ରେଙ୍ଗାଲି ପୁରୁଣାବସ୍ତି ବାଏପାସ ଛକ ଠାରେ ସ୍ଥାନ ନିରୂପଣ କରଯାଇ ଶୁଭ ମୁହଁର୍ତ୍ତରେ ଶୁଭ ସ୍ତମ୍ଭ ଏବଂ ମା ସମଲେଇ ଙ୍କୁ ଦୀପ ପ୍ରଜ୍ୱଳନ କରି କମିଟି ର ସଭାପତି ଅନ୍ତର୍ଯ୍ୟାମୀ ପାଣି ଶୁଭ ସ୍ଥାପନ କରିଥିଲେ କ୍ଷ ଆସନ୍ତା ଅକ୍ଟୋବର ୪ ତାରିଖ ଦିନ ଅପରାହ୍ନରେ ପାଳନ ପାଇଁ ସ୍ଥିର ହୋଇଥିବା ବିଷୟ ସାମ୍ବାଦିକ ମାନଙ୍କ ସୂଚନା ଦିଆଯାଇଥିଲା । ଏଥିରେ ସାଧାରଣ ସମ୍ପାଦକ ରାଧେଶ୍ୟାମ ବାଗ, ଉପଦେଷ୍ଟା ଶଶୀଭୁଷଣ ସାହୁ, ଡ଼ ନରେଶ ସାହୁ,ଡ଼ ସନ୍ତୋଷ ସିଂ, ଡ଼ ଅର୍ଜୁନ ନାୟକ, ଗଣେଶ ଶ୍ରୀଚନ୍ଦନ, ଉପ ସଭାପତି କୃଷ୍ଣ ମେହେର, ଲଳିତ ସାହୁ, ବିରଚିଂ ବିଶ୍ୱାଳ, ଶ୍ରୀପତି ଷଣ୍ଢ, ହରେ କୃଷ୍ଣ ସାହୁ,ଦିବ୍ୟ କିଶୋର ସରାଫ,ପ୍ରଶାନ୍ତ ପଣ୍ଡା, ସୁବନ ଚାନ୍ଦ ସାହୁ, ବନଓ୍ୱାର ଅଗ୍ରଓ୍ୱାଲ,, ସାମ୍ବାଦିକ ଦିନେଶ ମହାନ, ହେମନ୍ତ ଦାସ,ସମୀର ମହାନ, ଜଗନ୍ନାଥ ସାହୁ , ପ୍ରମୁଖ ଅଂଶ ଗ୍ରହଣ କରି ଥିଲେ । ଶେଷରେ ଧବେଳେଶ୍ୱର ମହାନ ଧନ୍ୟବାଦ ଦେଥିଲେ ।

# କାରକୁ ପିଟିଲା ଆଇଚର, ଡାକ୍ତର ମଦନ ମୋହନ ଦାଶ ମୃତ, ସ୍ତ୍ରୀ ଗୁରୁତର

ଭଦ୍ରକ, ୨୪/୯(ନି/ପ୍ର): ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ଯାଉଥିବା ବେଳେ କାର ପମ୍ପଚର ହେବାରୁ ଚକା ବଦଳାଉଥିଲେ । ଏତିକି ବେଳେ ପଛରୁ ଆଇଚର ଗାଡି ଧକ୍କା ଦେଇଥିଲା । ଏଥିରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଘଟଣାଟି ଘଟିଛି ସୋମବାର ରାତ୍ର ୧୦ ଘଟିକା ସମୟରେ ଯାଜପୁର ଜିଲ୍ଲା ୧୬ ନଂ ଜାତୀୟ ରାଜପଥର ସଠିପୁର ଓଭର ବ୍ରିଜ୍ ଉପରେ । ଭଦ୍ରକର ଜଣାଶୁଣା ଆର୍ଯ୍ୟୁବେଦ ଡାକ୍ତର ମଦନ ମୋହନ ଦାଶ (୭୨) ଏବଂ ତାଙ୍କ ସ୍ତ୍ରୀ ଡାକ୍ତର ବସନ୍ତ ମଞ୍ଜରୀ ନନ୍ଦ(୭୦) ଓ୍ୱାଗନର କାର ଯୋଗେ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ଯାଉଥିଲେ । ପଛ ଚକା ପମ୍ପଚର ହେବାରୁ ଚାଳକ ବଦାଳାଉଥିଲେ । ଏତିକି ବେଳେ ଦ୍ରୁତ ଗତିରେ ଆଇଚର ଟ୍ରକ୍ ଆସି କାରକୁ ଧକ୍କା ଦେଇଥିଲା । ପାର୍ଶ୍ୱରେ ଠିଆ ହୋଇଥିବା ଡାକ୍ତର ଶ୍ରୀ ଦାଶ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । କାର ଭିତରେ ବସିଥିବା ତାଙ୍କ ସ୍ତ୍ରୀ ବସନ୍ତ ମଞ୍ଜରୀ ଡାହାଣ ହାତ ଭାଙ୍ଗିଥିବା ବେଳେ ଚାଳକ ଗୁରୁତର ହୋଇଥିଲେ । ପାଣିକୋଇଲି ପୋଲିସ୍ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ପ୍ରଥମେ ପାଣିକୋଇଲି ଡାକ୍ତରଖାନା ଓ ପରେ ବସନ୍ତ ମଞ୍ଜରୀଙ୍କୁ ଗୁରତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଦୁର୍ଘଟଣା ଘଟାଇଥିବା ଆଇଚର ଓ କ୍ଷତିଗ୍ରସ୍ତ କାରକୁ ପୋଲିସ ଥାନାକୁ ନେଇଛି । ଏହି ଘଟଣା ପ୍ରଚାରିତ ହେବା ପରେ ପରିବାରର ସନ୍ତୋଷ ଦାଶ, ପ୍ରଦୋଷ ଦାଶ, ପୂର୍ବତନ ସରପଚଂ ସୁଶାନ୍ତ ମିଶ୍ରଙ୍କ ସମେତ ଡାକ୍ତର ଦମ୍ପତିଙ୍କ ସହ କର୍ମୀ, ବନ୍ଧୁ ପରିଜନ ଘଟଣା ସ୍ଥଳରେ ପହଚିଂଥିଲେ । ପ୍ରକାଶଥାଉକି ଡାକ୍ତର ଶ୍ରୀ ଦାଶଙ୍କ ମୂଳ ଘର ବାଲେଶ୍ୱର ଜିଲା ଖଇରା ଥାନା ଅଧିନ ଧାତ୍ରୀ ଗଡିଆ ହୋଇଥିବା ବେଳେ ଦୀର୍ଘ ୩୦ ବର୍ଷ ଧରି ଭଦ୍ରକର ମଠ ସାହିରେ ଘର କରି ରହି ଆସୁଥିଲେ । ସେ ଫୁଲବାଣୀରୁ ଚାକିରୀ ଜୀବନ ଆରମ୍ଭ କରିଥିବା ବେଳେ ଖଇରା, ହାଟଡିହି ଓ ବନ୍ତ ବ୍ଲକର ଚାରିଗାଁ ଆର୍ଯ୍ୟୁବେଦ ଡାକ୍ତରଖାନାରୁ ଅବସର ପରେ ମଧ୍ୟ ଅଭାବୀ ଓ ଦୁସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ । ସାହିତ୍ୟ ପତ୍ରିକା ପ୍ରେମ ପୃଥିବୀ ଓ ଶ୍ରୀମା ଅରବିନ୍ଦଙ୍କ ପାଠଚକ୍ର ମାଧ୍ୟମରେ ସ୍ନେହ ଓ ଭାତୃଭାବ ବାଂଟି ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ।




## ୟୁପିଆଇ ଚାର୍ଜକୁ ନେଇ ଆରସିସିଆଇ ଏବଂ ସିଏଆଇଟି ପକ୍ଷରୁ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ରାଉରକେଲା ୨୪/୯(ନି/ପ୍ର): ୟୁପିଆଇ (ଟଚଓ) ଚାର୍ଜକୁ ନେଇ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଜଉଉଓ)ର ଏକ ପ୍ରତିନିଧି ମଣ୍ଡଳୀ ଏବଂ ସିଏଆଇଟି (ଉଇଓଞ୍ଚ)ର ପ୍ରତିନିଧି ମଣ୍ଡଳୀ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଏହି ପ୍ରତିନିଧି ମଣ୍ଡଳୀରେ ଆରସିସିଆଇର ସଭାପତି ମଳୟ ମଣ୍ଡଳ, ସାଧାରଣ ସମ୍ପାଦକ ବିଶ୍ୱନାଥ ଦେ, ନାଗରିକ ସୁବିଧା ସଚିବ ବିଜୟ ପ୍ରଧାନ, ଆରସିସିଆଇ ସଭ୍ୟ ଶ୍ରୀଧର ମଲ୍ଲିକଙ୍କ ସମେତ ସିଏଆଇଟି ସଭାନେତ୍ରୀ କାଂଚନ ଅଗ୍ରୱାଲ, ଆରସିସିଆଇର ପୂର୍ବତନ ସଭାପତି ତଥା ସିଏଆଇଟି ଅଧ୍ୟକ୍ଷ ପ୍ରଭାତ ଟେବରିୱାଲ, ସିଏଆଇଟି ରାଜ୍ୟ ଉପସଭାପତି ଅର୍ଚ୍ଚନା ଗାଡୋଡିଆ, ସିଏଆଇଟି ସଚିବ ବିକାଶ ଅଗ୍ରୱାଲ, ସିଏଆଇଟି ଯୁଗ୍ମ ସଚିବ ରାହୁଲ ଅଗ୍ରୱାଲ, ସିଏଆଇଟି କୋଷାଧ୍ୟକ୍ଷ ଜ୍ୟୋତି ଅଗ୍ରୱାଲ୍, ସିଏଆଇଟିର ଅମିତ ଅଗ୍ରୱାଲ ପ୍ରମୁଖ ସଦସ୍ୟଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସ୍ମାରକପତ୍ରରେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁପିଆଇ (ଟଚଓ) ଚାର୍ଜେସ୍ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ (ଟଚଓ) କାରବାର ଉପରେ ପ୍ରସ୍ତାବିତ ୦.୪ ପ୍ରତିଶତ (୦.୪%) ବ୍ୟବସାୟୀ ରିହାତି ହାର (ଗଉଜ) ପୁନଃବିଚାର କରିବାକୁ ଅନୁରୋଧ କରାଯାଇଛି। ସ୍ମାରକପତ୍ରରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ପ୍ରସ୍ତାବିତ ଚାର୍ଜ ସିଧାସଳଖ ବ୍ୟବସାୟ ସମ୍ପ୍ରଦାୟ, ବ୍ୟବସାୟୀ, ଏମ୍ଏସ୍ଏମ୍ଇ ଏବଂ ସାଧାରଣ ଗ୍ରାହକମାନଙ୍କୁ ପ୍ରଭାବିତ କରିପାରେ। ବିଶେଷକରି ଯେଉଁମାନେ ସେମାନଙ୍କର ଦୈନନ୍ଦିନ କାରବାର ପାଇଁ ଡିଜିଟାଲ୍ ପେମେଂଟ ଉପରେ ନିର୍ଭରଶୀଳ, ସେମାନଙ୍କୁ ଏହା ଅଧିକ ପ୍ରଭାବିତ କରିବ। ଏହି ସ୍ମାରକପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏମଡିଆର (ଗଉଜ) ପ୍ରଚଳନ ବ୍ୟବସାୟୀଙ୍କ ପାଇଁ କାରବାର ଖର୍ଚ୍ଚ ବୃଦ୍ଧି କରିବ ଏବଂ ଡିଜିଟାଲ୍ ପେମେଂଟର ଗ୍ରହଣକୁ ନିରୁତ୍ସାହିତ କରିବ। ଆରସିସିଆଇ ଏବଂ ସିଏଆଇଟି ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ବ୍ୟବସାୟୀଙ୍କ ଚିନ୍ତାକୁ ପୁନଃବିଚାର କରିବା ସହିତ ୟୁପିଆଇ (ଟଚଓ) ବିନା କାରବାର ଅନିଶ୍ଚିତତା ହୋଇପଡିବ ବୋଲି ଉଲ୍ଲେଖ କରାଯାଇଛି। ୟୁପିଆଇକୁ ପୂର୍ବଭଳି ସୁଲଭ, ସୁବିଧାଜନକ ତଥା ଡିଜିଟାଲ୍ ପେମେଂଟ ମୋଡ୍ ଭାବରେ ରଖିବାକୁ ଆରସିସିଆଇ ଏବଂ ସିଏଆଇଟି ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଏହି ସ୍ମାରକପତ୍ରରେ ଅନୁରୋଧ କରାଯାଇଛି।

## ଭାରତର ସର୍ବବୃହତ ସୋଲାର ପ୍ୟାନେଲ୍ ନିର୍ମାତା କମ୍ପାନୀ 'ୱାରୀ' ରାଉରକେଲାରେ ନିଜର ସୋଲାର ଫ୍ରାଚାଂଇଜ୍ ଷ୍ଟୋର୍ ଖୋଲିଛି



ରାଉରକେଲା, ୨୪/୯(ନି/ପ୍ର): ୨୩-୦୯-୨୦୨୬ ରିଖରେ ରାଉରକେଲାର ହରିୟାଣା ଭବନ ନିକଟସ୍ଥ ଡେଲି ମାର୍କେଟ୍ ଅଂଚଳରେ ଏହି ଷ୍ଟୋରର ଶୁଭାରମ୍ଭ କରାଯାଇଥିଲା। ଏହି ଷ୍ଟୋରରେ ସୋଲାର ପ୍ୟାନେଲ୍, ଇନଭର୍ଟର, ଷ୍ଟୋରେଜ୍ ସିଷ୍ଟମ୍ ଏବଂ ବିଭିନ୍ନ ସୋଲାର ଉତ୍ପାଦ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାରୀ ଏନର୍ଜିଜ୍ ଲିମିଟେଡ୍‌ର ଓଡ଼ିଶା ରାଜ୍ୟ ମୁଖ୍ୟ ଶ୍ରୀ ଶିବାଶିଷ ନେଗୀ ଏବଂ ପଶ୍ଚିମ ଓଡ଼ିଶା ପ୍ରତିନିଧି ଶ୍ରୀ ରାହୁଲ ଚକ୍ରବର୍ତୀ ଉପସ୍ଥିତ ଥିଲେ। ଷ୍ଟୋରର ମାଲିକ ଶ୍ରୀ ବ୍ରିଜ୍ ମୋହନ ଅଗ୍ରୱାଲ୍ ଏବଂ ତାଙ୍କ ପରିବାର ସଦସ୍ୟମାନେ ମଧ ଏଥିରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ରାଉରକେଲାର ବିଶିଷ୍ଟ ବ୍ୟକ୍ତିବିଶେଷ ଯଥା ସନ୍ତୋଷ ପାରିକ, ମହେଶ ବଜିର, ପ୍ରବୀଣ ଗର୍ଗ, ଅନୁପମ ଦୋଶୀ, ଅଜୟ ଶର୍ମା, ରାଜେଶ ଅଗ୍ରୱାଲ୍, ଶ୍ରୀ ମନୋଜ ଅଗ୍ରୱାଲ୍, ସୁରଜ ବାପୋଡିଆ, ଶ୍ରୀ ପଣ୍ଡନ ଅଗ୍ରୱାଲ୍ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରବୀଣ ଅଗ୍ରୱାଲ୍ 'ୱାରୀ'ର ବିଭିନ୍ନ ଉତ୍ପାଦ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ 'ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା' ଏବଂ ସୋଲାର ବ୍ୟବହାରର ଅନ୍ୟାନ୍ୟ ଲାଭ ବିଷୟରେ ମଧ ଅବଗତ କରାଇଥିଲେ। ସେ କହିଥିଲେ ଯେ ସୋଲାର ହେଉଛି ଭବିଷ୍ୟତ ଏବଂ ଲୋକମାନେ ବହୁତ ଦ୍ରୁତ ଗତିରେ ସୋଲାର ବ୍ୟବସ୍ଥାକୁ ଆପଣାଉଛନ୍ତି। ଗ୍ରାହକମାନଙ୍କୁ ବିଭିନ୍ନ ଉତ୍ପାଦ ଓ ଯୋଜନା ବିଷୟରେ ପଚାରି ବୁଝୁଥିବାର ଦେଖିବାକୁ ମିଳିଥିଲା ଏବଂ ସେମାନେ ନିଜ ଘର ତଥା ବ୍ୟବସାୟିକ ସ୍ଥାନରେ ସୋଲାର ବ୍ୟବସ୍ଥା ଲଗାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

## ସାଧୁ ବେଶରେ ୩ ଅଭିଯୁକ୍ତ ଗିରଫ:

### ମହିଳାଙ୍କ ଅଳଙ୍କାର ଲୁଟିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ



ରାଉରକେଲା,୨୪/୯(ନି/ପ୍ର): ଜଣେ ମହିଳାଙ୍କୁ ଅଟକାଇ ଟଙ୍କା ଦାବି କରିବା ଅଭିଯୋଗରେ ବୁଧବାର ଦିନ, ସାଧୁବାବା ପୋଷାକ ପିନ୍ଧିଥିବା ତିନି ଜଣ ଯୁବକଙ୍କୁ ଛେଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଗିରଫ କରାଯାଇଛି। ମହିଳା ଜଣକ ଟଙ୍କା ଦେବାକୁ ମନା କରିବାରୁ, ଅଭିଯୁକ୍ତମାନେ ତାଙ୍କୁ ଭୟଭୀତ କରି ତାଙ୍କ ଅଳଙ୍କାର ଦେବାକୁ ଦାବି କରିଥିଲେ ଏବଂ ତା'ପରେ ତାଙ୍କର ଗୋଟିଏ ସୁନା ଚୁଡ଼ି ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ମହିଳା ଜଣକ ଡାକ ପକାଇବାରୁ, ନିକଟରେ ଲୋକମାନେ ଏକାଠି ହୋଇ ତିନି ଅଭିଯୁକ୍ତଙ୍କୁ ଧରିଥିଲେ। ଡିଏସପି ମନୋରଞ୍ଜନ ପ୍ରଧାନ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଅନୁସାରେ, ମହିଳାଙ୍କ ଲିଖିତ ଅଭିଯୋଗ ଉପରେ, ସେକ୍ଟର-୭ ପୋଲିସ ଥାନା ପକ୍ଷରୁ ୨୦୨୬ ସେପଟ୍ମ୍ବର ୨୩ ବିଏନ୍ଏସ୍ ଧାରା ୩୦୮(୫)/୩(୫) ଅନୁଯାୟୀ ମାମଲା ନମ୍ବର-୨୨୪ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଏହି ମାମଲାରେ ପୋଲିସ ଦକ୍ଷିଣ-ପୂର୍ବ ଦିଲ୍ଲୀର ଜାଫରପୁର ଥାନାର ରଥମୁଡ଼ ନିବାସୀ କରମବୀର ନାଥ (୩୦), ଗୋରଖ ନାଥ (୪୫) ଏବଂ ହରିୟାଣାର ସୋନିପଥ, ମାର୍ଥାଲ ନିବାସୀ ରାଜନ ନାଥ (୨୫)ଙ୍କୁ ଗିରଫ କରାଯାଇଛି।ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ଠାରୁ ଏକ ସୁନା ଚୁଡ଼ି, ଗୋଟିଏ କମଣ୍ଡଳ, ଦୁଇଟି ଛୋଟ ରୁଦ୍ରାକ୍ଷ ମୁଣି, ଦୁଇଟି ଲୁହା ଚେନ, ଏକ ଯୋଡ଼ା ଲୁହା ଚୁଡ଼ି, ଏକ ଯୋଡ଼ା ପିତଳ ଚୁଡ଼ି, ଗୋଟିଏ ଛୋଟ ପିତଳ ବାଲଟି, ଦୁଇଟି ବ୍ୟାଗ, ଗୋଟିଏ ଶଙ୍ଖ ଏବଂ ବିଭିନ୍ନ ମୂଲ୍ୟର ନଗଦ ୧,୪୫୦ ଟଙ୍କା ଜବତ କରାଯାଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ମଧ ତଦନ୍ତ କରାଯାଉଛି। ମାମଲାର ତଦନ୍ତକାରୀ ଅଧିକାରୀ ହେଉଛନ୍ତି ଏଏସ୍ଆଇ ପି. ଧନଗଡ।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ୪ର୍ଥ ଏକାଡେମିକ୍ କାଉନସିଲ୍ ବୈଠକ ଅନୁଷ୍ଠିତ

ଜୟପୁର,୨୪/୯(ନି/ପ୍ର): ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷାର ପରିସର ବୃଦ୍ଧି ସହ ନୂଆ ବିଷୟ ଓ ରୋଜଗାରମୁଖୀ ପାଠ୍ୟକ୍ରମ ଖୋଲିବା ନେଇ ନିଷ୍ପତ୍ତି ହୋଇଛି। ବୁଧବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୪ର୍ଥ ଏକାଡେମିକ୍ କାଉନସିଲ୍ ବୈଠକରେ ଏନେଇ ବିଭିନ୍ନ ପ୍ରସ୍ତାବ ଉପରେ ବିଚାରବିମର୍ଶ ହୋଇଛି। କୁଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକର ନିଷ୍ପତ୍ତି ନିଶ୍ଚିତକରଣ ସହ ବିଭିନ୍ନ ବିଭାଗର ଅଧ୍ୟୟନ ପରିଷଦର ପ୍ରସ୍ତାବ ଓ ପିଏଚ୍ଡି ପାଠ୍ୟକ୍ରମର ରୂପରେଖ ନେଇ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଏମ୍ସିଏ, ବିବିଏ ଭଳି ନୂଆ କାର୍ଯ୍ୟକ୍ରମ ଆରମ୍ଭ ସହ କୃଷି ବ୍ୟବସାୟ ପରିଚାଳନା, ଶିଳ୍ପ ସମ୍ପର୍କ ଓ କର୍ମଚାରୀ ପରିଚାଳନା, ସାମ୍ବାଦିକତା ଓ ଗଣମାଧ୍ୟମ, ଶିକ୍ଷା, ପରିସଂଖ୍ୟାନ, ଭୂଗୋଳ ଓ ନୃତତ୍ତ୍ୱରେ ନୂଆ ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ ନେଇ ପ୍ରସ୍ତାବ ଉପରେ ବିଚାର ହୋଇଥିଲା।ସେହିପରି କୃଷି, ଶାରୀରିକ ଶିକ୍ଷା, ମନୋବିଜ୍ଞାନ ଓ ଭୂବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ନେଇ ମଧ ଆଲୋଚନା ହୋଇଥିଲା। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍ଏସ୍ସି ଲାଇଫ୍ ସାଇନ୍ସକୁ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ସହ ସମତୁଲ୍ୟତା ପ୍ରଦାନ ନେଇ ମଧ ବିଚାର କରାଯାଇଥିଲା। ବାଣିଜ୍ୟ ଶିକ୍ଷାକୁ ଶିଳ୍ପ ଓ ନିଯୁକ୍ତି ସହ ଯୋଡ଼ିବା ଲକ୍ଷ୍ୟରେ ଲଜିଷ୍ଟିକ୍ସ ମ୍ୟାନେଜମେଂଟ, ବ୍ୟାଙ୍କିଂ ଓ ଆର୍ଥିକ ସେବା, ରିଟେଲ୍ ଅପରେସନ୍ ଏବଂ ଏଚ୍ଆର୍ ଅପରେସନ୍ କ୍ଷେତ୍ରରେ ଶିକ୍ଷା ସହ ଶିଳ୍ପ ପ୍ରଶିକ୍ଷଣକୁ ଯୋଡ଼ିଥିବା ବି.କମ୍ ପାଠ୍ୟକ୍ରମ ଆରମ୍ଭ ନେଇ ମଧ ପ୍ରସ୍ତାବ ଆସିଥିଲା। ବୈଠକରେ କୁଳପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ, କୁଳସଚିବ, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଏକାଡେମିକ୍ କାଉନସିଲ୍ର ସଦସ୍ୟମାନେ ଉପସ୍ଥିତ ଥିବା ବିଷୟ ବିଶ୍ୱବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।ସେହିପରି କୃଷି, ଶାରୀରିକ ଶିକ୍ଷା, ମନୋବିଜ୍ଞାନ ଓ ଭୂବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ନେଇ ମଧ ଆଲୋଚନା ହୋଇଥିଲା।

## ଆଇନ ମହାବିଦ୍ୟାଳୟରେ ବିଶ୍ୱ ଶାନ୍ତି ଦିବସ ପାଳନ




ରାଉରକେଲା,୨୪/୯(ନି/ପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟ ରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓ ଯୁବ ରେଡକ୍ରସ୍ ସଂଯୋଜକ ଡକ୍ଟର ତନ୍ମୟ ରାଜ ପାଢ଼ୀଙ୍କ ତତ୍ତ୍ୱାବଧାନରେ 'ବିଶ୍ୱ ଶାନ୍ତି ଦିବସ'ପାଳିତ ହୋଇଯାଇଛି । ଅଧ୍ୟକ୍ଷା ଡ ମହାନ୍ତି ତାଙ୍କ ଭାଷଣରେ କହିଥିଲେ ଯେ ୧୯୮୧ ମସିହା ସେପଟ୍ମ୍ବର ୨୧ ତାରିଖରେ ଜାତିସଙ୍ଘର ସାଧାରଣ ପରିଷଦ ରେ ପାରିତ ହୋଇ, ଏହି ଦିବସକୁ ବିଶ୍ୱବ୍ୟାପି ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ଏହି ଦିବସଟି ଶାନ୍ତି, ମୈତ୍ରୀ ଓ ଅହିଂସା ଉପରେ ଆଧାରିତ ଏବଂ ଏଥିରେ ନାଗରିକ ସମ୍ମାନ, ଅଧିକାର ଏବଂ ବାର୍ତା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କହିବାର ମୁଳ ଲକ୍ଷ୍ୟ ଥିଲା। ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଚଳଚିତ୍ର ଆର୍ଟିକଲ ୩୭୦ (ଇକ୍ସ-ସ୍ପସମକ୍ଷର ୩୭୦) ପଦର୍ଶିତ କରାଯାଇଥିଲା,ଶାନ୍ତି ପାଇଁ ଯୁଦ୍ଧ ଏକମାତ୍ର ବିକଳ୍ପ ନୁହେଁ। ଏହି ଚଳଚିତ୍ରର ଉଦ୍ଦେଶ୍ୟ ଥିଲା, ଛାତ୍ରଛାତ୍ରୀ ମାନଙ୍କ ମନରେ ଶାନ୍ତି ପ୍ରତିଷ୍ଠାର ଭାବନା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ଛାତ୍ର ଧରିତ୍ରୀ ରଞ୍ଜନ ମହାନ୍ତି ମଂଚ ପରିଚାଳନା କରିଥିଲେ ଓ ପ୍ରାଧ୍ୟାପକ ଡକ୍ଟର ତନ୍ମୟ ରାଜ ପାଢ଼ୀ ଧନ୍ୟବାଦ ଅର୍ପଣ କରି 'ବିଶ୍ୱ ଶାନ୍ତି ଦିବସ 'ପାଳନର ପରିସମାପ୍ତି ଘୋଷଣା କରିଥିଲେ ।

## ବ୍ରହ୍ମପୁର ଏସ୍‌ପିଙ୍କ ବଦଳି

ଗଞ୍ଜାମ ,୨୪/୯(ନି/ପ୍ର): ବ୍ରହ୍ମପୁର ପୁଲିସ ଜିଲାଏସ୍ ପି ଡଃ ସ୍ୱର୍ଣାବିବେକ ଏମ୍ ଙ୍କ ଭୁବନେଶ୍ୱର ଡିସିପି ରୂପେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ୨୦୧୯ ବ୍ୟାଚ ଆଇପିଏସ୍ ଅଭିନ୍ଵ ସୋନକର ବ୍ରହ୍ମପୁର ଏସପି ରୂପେ ଯୋଗ ଦେଇଛନ୍ତି।

## ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀରରେ ଅନୁଷ୍ଠାନିକ ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା

ବଲାଙ୍ଗିର, ୨୪/୯(ନି/ପ୍ର):୨୦୨୬ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀରଠାରେ ବୃତି ପରାମର୍ଶ, ଯୁବନିଯୁକ୍ତି ଓ ନିୟୋଜନ ପ୍ରକୋଷ୍ଠ ପକ୍ଷରୁ ବିଶ୍ୱବିଦ୍ୟାଳୟ ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ ପାଣ୍ଠି ଅନୁଦାନରେ ଅନୁଷ୍ଠାନିକ ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା (୨୦୨୬-୨୭) ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରପ୍ରେକ୍ଷାଳୟ-୦୨ରେ ସକାଳ ୧୧ଟା ରୁ ଅପରାହ୍ନ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ତଥା ବାହ୍ୟ ବିଚାରକ ଭାବେ ନାଇସେଟ୍, ବଲାଙ୍ଗିରର ନିର୍ଦ୍ଦେଶକ ଶ୍ରୀ ଏମ. ଆର. ଖାନ୍, ବିଶିଷ୍ଟ ଅତିଥି ଭାବେ ଶ୍ରୀଭଞ୍ଜନ ବେହେରା ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡ. କୌତୁକ ପନ୍ଦର। ଆଭ୍ୟନ୍ତରୀଣ ବିଚାରକ ଭାବେ ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ କୁମାର ବାରିକ ଓ ସଂଯୋଜକ ଭାବେ ଲେଫ୍ଟନାଂଟ କୁଶ କହଁର ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଲେଫ୍ଟନାଂଟ କୁଶ କହଁର ସୂଚନା ପ୍ରଦାନ କରିଥିଲେ। ଏହାପରେ ବାହ୍ୟ ବିଚାରକ ଏମ. ଆର. ଖାନ୍ ଦକ୍ଷତା ବିକାଶ, ଡିଜିଟାଲ ଉପକରଣ ଓ ଷ୍ଟାର୍ଟ-ଅପର ବ୍ୟାବହାରିକତା ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ନୃତତ୍ତ୍ୱ, ଅର୍ଥନୀତି, ଶିକ୍ଷା, ଇଂରାଜୀ, ହିନ୍ଦୀ, ଓଡ଼ିଆ, ଇତିହାସ, ରାଜନୀତି ବିଜ୍ଞାନ, ମନସ୍ତତ୍ତ୍ୱ, ସମାଜ ବିଜ୍ଞାନ ଏବଂ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ନିଜ ନିଜ ଷ୍ଟାର୍ଟ-ଅପ୍ ଆଇଡିଆ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଦଳକୁ ୩ ମିନିଟ୍ ଉପସ୍ଥାପନା ଓ ୨ ମିନିଟ୍ ବିଚାରକଙ୍କ ପ୍ରଶ୍ନୋତର ପାଇଁ ସମୟ ଦିଆଯାଇଥିଲା। ବିଚାରକ ମଣ୍ଡଳୀ ୪୦ ନମ୍ବର ବିଶିଷ୍ଟ ମାନକ ଅନୁଯାୟୀ ମୂଲ୍ୟାୟନ କରିଥିଲେ - ନବୀନତା ଓ ମୌଳିକତା (୧୦), ଆଂଚଳିକ ପ୍ରାସଙ୍ଗିକତା - ବଲାଙ୍ଗୀର/ପଶ୍ଚିମ ଓଡ଼ିଶାର ଆବଶ୍ୟକତା (୧୦), କାର୍ଯ୍ୟକାରିତା ଓ ବ୍ୟୟ ଆକଳନ (୧୦) ଏବଂ ଉପସ୍ଥାପନା ଓ ପ୍ରଶ୍ନୋତର (୧୦)।ଶେଷରେ ବିଜେତା ଦଳମାନଙ୍କୁ ନଗଦ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ କରାଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁଦୀପ୍ତ ନନ୍ଦ, ଦ୍ୱିତୀୟ ସ୍ଥାନରେ ସୂର୍ଯ୍ୟଭାନୁ ଭୋଇ ଓ ତୃତୀୟ ସ୍ଥାନରେ ରୋଷ୍ନୀ ଷରଙ୍ଗୀ। ଶେଷରେ ଡ. ଶ୍ରୀକାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନାବେଡ଼ାରେ ୬୦ ଦିନିଆ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କର ମେଗା ଡ୍ରାଇଭ୍: ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ନୂଆପଡ଼ା,୨୪/୯(ନି/ପ୍ର): ନୂଆ ଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କର ନିର୍ଦ୍ଦେଶକ୍ରମେ ସୁନାବେଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ପକ୍ଷରୁ ନାଲସା ର ବିଭିନ୍ନ ଯୋଜନା ଗୁଡ଼ିକର ର ସଫଳ ରୂପାୟନ ନିମନ୍ତେ ୬୦- ଦିନିଆ ମେଗା ଡ୍ରାଇଭ୍ ଶୁଭାରମ୍ଭ ହୋଇଛି । ଏହି ଅବସରରେ ରେ ଜିଲା ଆଇନ ସେବା ପ୍ରାଧିକରଣ ର ସଚିବ ନବନୀତା ଦାଶ ଉକ୍ତ ପଂଚାୟତ କାର୍ଯ୍ୟାଳୟ ରେ ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ର ର ଶୁଭ ଉଦ୍ଘାଟନ କରିଛନ୍ତି । ଜାତୀୟ ଆଇନ ସେବା ପ୍ରାଧିକରଣ ଙ୍କ ଦ୍ୱାରା ଦେଶର ୧୮ ଟି ରାଜ୍ୟ ର ୩ ରୁ ୭ ଟି ଲେଖାଏଁ ଜିଲ୍ଲା ଏହି ମେଗା ଡ୍ରାଇଭ ପାଇଁ ଚୟନ କରାଯାଇଛି, ଯେଉଁଥିରେ ନୂଆପଡ଼ା ଅନ୍ୟତମ । ଚୟନ ହୋଇଥିବା ଜିଲ୍ଲା ମାନଙ୍କୁ ନିଜ ଜିଲ୍ଲା ର ଏକ ଦୁର୍ଗମ ଅଂଚଳରେ ଥିବା ଗ୍ରାମ ରେ ମେଗା ଡ୍ରାଇଭ ଅନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ତେଣୁ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଗ୍ରାମ ପଂଚାୟତ କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚୟନ କରାଯାଇଛି।ଏହି ଆଇନ ସହାୟତା କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁନାବେଡ଼ା ଏବଂ ଏହାର ଆଖପାଖ ଅଂଚଳର ସାଧାରଣ ଜନସାଧାରଣଙ୍କୁ ଆଇନଗତ ସହାୟତା ଓ ଆଇନ ସମ୍ପର୍କିତ ସଚେତନତା ପ୍ରଦାନ କରିବା । ବିଶେଷକରି ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ବର୍ଗ, ମହିଳା, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଆଇନଗତ ସହାୟତାର ଆବଶ୍ୟକତା ଥିବା ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାଗଣା ଆଇନ ସେବା ପହଂଚାଇବା ଏହାର ପ୍ରମୁଖ ଲକ୍ଷ୍ୟ ଅଟେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ନୂଆପଡ଼ା ଲମ୍ୱୋଦର ଧରୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ପବିତ୍ର ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ଭକ୍ତବନ୍ଧୁ ବୁଡ଼େକ୍, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ସୁନାବେଡ଼ା ସରପଂଚ ରଜନୀ ଜଗତ ଓ ପଂଚାୟତ ଉନ୍ନୟନ ଅଧିକାରୀ ଜୟ ପ୍ରକାଶ ମାଝୀ ଏବଂ ପ୍ରାଧିକରଣ ର ଅଧିକାର ମିତ୍ରଗଣ ଯଥା ତୋଫାନ ବାଗ, ଚିନ୍ନେଶ୍ୱରୀ ଜଗତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆରଏସପି, ନ୍ୟୁ ପ୍ଲେଟ୍ ମିଲ୍ ବିଭାଗର ତେଜସ୍ ସେଫ୍ଟି ସର୍କଲ୍ ଦ୍ୱାରା କ୍ୟୁସିଏଫ୍ଆଇ ଭିଲାଇ ଚାପ୍ଟର କନଭେନସନରେ ସ୍ୱର୍ଣ୍ଣ ପଦକ ହାସଲ



ରାଉରକେଲା,୨୪/୯(ନି/ପ୍ର): ସେଲ୍, ରୋଲକେଲା ଇସ୍ପାତ କାରଖାନା (ଆର.ଏସ.ପି)ର ନ୍ୟୁ ପ୍ଲେଟ୍ ମିଲ୍‌ର ତେଜସ୍ ସେଫ୍ଟି ସର୍କଲକୁ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍ଆଇ), ଭିଲାଇ ଚାପ୍ଟର ଦ୍ୱାରା ନିକଟରେ ଆୟୋଜିତ ଚାପ୍ଟର କନଭେନସନ୍ ଅନ୍ କ୍ୱାଲିଟି କନସ୍ପେପ୍ଟସ(ସି ସି କ୍ୟୁ ସି)ରେ ପ୍ରତିଷ୍ଠିତ ସ୍ୱର୍ଣ୍ଣ ପୁରସ୍କାରରେ ସମ୍ମାନିତ କରାଯାଇଛି। ମିଲ୍‌ରେ ଏକ ନିରନ୍ତର କାର୍ଯ୍ୟକ୍ଷମ ଏବଂ ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନ ସାଜିଥିବା ଡିଭାଇଡିଂ ଶିଅର୍ ସ୍କ୍ରାପ୍ କନଭେୟର ସିଷ୍ଟମରେ ବାରମ୍ବାର ସ୍କ୍ରାପ୍ ଜାମ୍‌କୁ ଦୂର କରିବା ପାଇଁ ଦଳର ନବସୃଜନଶୀଳ ସମାଧାନକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି। ଡିଭାଇଡିଂ ଶିଅର୍ ସ୍କ୍ରାପ୍ କନଭେୟର ସିଷ୍ଟମର ଡିସଚାର୍ଜ ଶେଷ ଭାଗରେ ବାରମ୍ବାର ସ୍କ୍ରାପ୍ ଜାମ୍ ଏବଂ ଜମା ହେବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ହେଡ୍ ଏବଂ ଟେଲ୍ କ୍ରପିଂ କାର୍ଯ୍ୟ ସମୟରେ, ଛୋଟ, ସଂକୀର୍ଣ୍ଣ, ଟେପରଡ୍ କିମ୍ବା ଅନିୟମିତ ସ୍କ୍ରାପ୍ ଖଣ୍ଡଗୁଡ଼ିକ ବେଳେବେଳେ କନଭେୟର-୨ ଡିସଚାର୍ଜ ଶେଷରେ ଥିବା ସାଇଡ୍ ଆପ୍ରୋନ୍ ଏବଂ କ୍ୟାରି-ଓଭର ରୋଲର ମଝିରେ ଥିବା ଫାଙ୍କାରେ ଫସି ଯାଉଥିଲା। କ୍ରମାଗତ କାଟିବା କାରଣରୁ, ସାମଗ୍ରୀଗୁଡ଼ିକ ଜାମ୍ ହୋଇ ଜମା ହୋଇଯାଉଥିଲା, ଯାହାକୁ ହାତରେ ସଫା କରିବା ଅତ୍ୟନ୍ତ କଷ୍ଟକର ଏବଂ ବିପଜ୍ଜନକ ଥିଲା, ଯାହା ଫଳରେ ବାରମ୍ବାର ଉତ୍ପାଦନରେ ବିଳମ୍ବ ହେଉଥିଲା ଏବଂ କନଭେୟର ପ୍ୟାନ୍ କ୍ଷତିଗ୍ରସ୍ତ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ, ଦଳ ଡିଜାଇନ ରେ ପରିବର୍ତ୍ତନ, ଯୋଗାଯୋଗ ବ୍ୟବସ୍ଥାର ବୃଦ୍ଧି ଏବଂ ପୂର୍ବ ନିର୍ଦ୍ଧାରିତ ପ୍ରକ୍ରିୟା ନିୟନ୍ତ୍ରଣକୁ ନେଇ ଏକ ବ୍ୟାପକ ତ୍ରିମୁଖୀ ସମାଧାନ କାର୍ଯ୍ୟକାରୀ କରିଥିଲା। ସ୍କ୍ରାପ୍ ଫସି ରହୁଥିବା ଫାଙ୍କାକୁ ଦୂର କରିବା ପାଇଁ ବିଦ୍ୟମାନ କ୍ୟାରି-ଓଭର ରୋଲରକୁ ଏକ ପରିବର୍ତ୍ତିତ ରୋଲର ଦ୍ୱାରା ବଦଳାଯାଇଥିଲା। କ୍ଷେତ୍ରରେ ଏକ ପୁସ୍-ବଟନ୍ ଆଲାର୍ମ ସିଷ୍ଟମ୍ ସ୍ଥାପନ କରାଯାଇଥିଲା, ଯାହା ଜାମ୍ ହେବା ମାତ୍ରେ ତୁରନ୍ତ ଯୋଗାଯୋଗ ଏବଂ ସ୍କ୍ରାପ୍ ସୃଷ୍ଟିକୁ ତୁରନ୍ତ ବନ୍ଦ କରିବା ନିଶ୍ଚିତ କରିଥାଏ। ଏହା ବ୍ୟତୀତ, ରୋଲିଂ ସମୟରେ ଟେପର ଏବଂ ଅନିୟମିତ ସ୍କ୍ରାପ୍ ଗଠନକୁ ନିୟନ୍ତ୍ରଣ କରିବା ପାଇଁ କୋଣସବୁର ପାର୍ଥକ୍ୟକୁ ସୀମା ମଧ୍ୟରେ ରଖିବା ନିମନ୍ତେ ସ୍ଲାବ୍ ୟାର୍ଡରେ ସ୍ଲାବ୍‌ର ଡାଇଗୋନାଲ୍ (କର୍ଣ୍ଣ) ଲମ୍ବ ମାପିବା ଆରମ୍ଭ କରାଯାଇଥିଲା। ଏହି ସଫଳତା ଆର.ଏସ.ପି. ର ଲକ୍ଷ୍ୟ ସହିତ ସାମଞ୍ଜସ୍ୟ ରଖି କାର୍ଯ୍ୟସ୍ଥଳର ସୁରକ୍ଷା, କାର୍ଯ୍ୟକ୍ଷମତା ଏବଂ ନିରନ୍ତର ସୁଧାର ପ୍ରତି ଦଳର ନିଷ୍ଠାକୁ ଦର୍ଶାଏ। ଏହି ଦଳକୁ ଏନ୍.ପି.ଏମ୍. ର ବରିଷ୍ଠ ପ୍ରବନ୍ଧକ ଶ୍ରୀ ଏ. ପଟ୍ଟନାୟକ ନେତୃତ୍ୱ ଦେଇଥିଲା ବେଳେ ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଏସ୍.ଏନ୍. ଦାସ, ଶ୍ରୀ ଡି. ସାହୁ, ସୁଶ୍ରୀ ସୁପ୍ରିୟା ଭୋଇ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଡି.କେ. ସାହୁ ଏହି ଦଳର ସଦସ୍ୟ ଥିଲେ ।